# କାର୍ଯ୍ୟକ୍ଷମ ହେଉନି ହଷ୍ଟେଲ

**ଓଡ଼ିଶା ଆଦର୍ଶ ବିଦ୍ୟାଳୟ**

- ଛାତ୍ରୀନିବାସର ସୁରକ୍ଷା ପାଚେରି ନାହିଁ
- ଅସରାଏ ବର୍ଷାରେ ସ୍କୁଲ ପରିସରରେ ଲହଡ଼ି ମାରୁଛି ବର୍ଷାଜଳ



ଜୟନଗର ଶ୍ୟାମପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ନିର୍ମିତ ହଷ୍ଟେଲ।

ଧାମନଗର,୭।୪(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ଏନ୍‌ଏସି ଅଧୀନ ଜୟନଗର ଶ୍ୟାମପୁରଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ପାଇଁ ନିର୍ମିତ ହଷ୍ଟେଲ କାର୍ଯ୍ୟକ୍ଷମ ହେଉନାହିଁ।

୨୦୨୨ରେ ପ୍ରାୟ ୩ କୋଟି ବ୍ୟୟରେ ୧୦୦ ଶଯ୍ୟା ବିଶିଷ୍ଟ ୨ ମହଲା ଛାତ୍ରୀ ନିବାସ ନିର୍ମାଣ ନେଇ ସରକାରଙ୍କ ପକ୍ଷରୁ ଭଦ୍ରକ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ବିଭାଗ ପକ୍ଷରୁ ଟେଣ୍ଡର ପରେ ଏକ ଠିକାଦାର କମ୍ପାନୀକୁ ହଷ୍ଟେଲ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ୨୦୨୫ରେ ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଏହି ବିଦ୍ୟାଳୟ ପରିସରରେ ପୁନର୍ବାର ୨୦୨୪ ମାର୍ଚ୍ଚରେ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ହେବା ସହ ୨ ମହଲା ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିର୍ମାଣ କରିବାକୁ ସେହି ସମାନ ଠିକାଦାର କମ୍ପାନୀକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ସେହି ସମୟରେ ମଧ୍ୟ ଉକ୍ତ ଠିକାଦାରଙ୍କ ନାମରେ ବହୁ ଅଭିଯୋଗ ହୋଇଥିଲା। ପ୍ରଥମ ଛାତ୍ରୀ ନିବାସ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ପୁଣି କିପରି ସମାନ ଜାଗାରେ ଆଉ ଏକ ଛାତ୍ରାବାସ ନିର୍ମାଣ କରିବାକୁ ଉକ୍ତ ଠିକାଦାର ଟେଣ୍ଡର ପାଇଲେ ବୋଲି ଅନେକ ଅଭିଯୋଗ ଉଠିଥିଲା। ୨ ହଷ୍ଟେଲ ମଧ୍ୟରେ ପ୍ରାୟ ୫୦ ମିଟର ଦୂରତା ରହିଛି। ହେଲେ ଛାତ୍ରୀ ନିବାସରେ ଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ସୁରକ୍ଷା ପାଚେରି କରାଯାଇ ନାହିଁ। ହସ୍ତାନ୍ତର ପରେ ମଧ୍ୟ ୨ ହଷ୍ଟେଲକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଆଉ ୨ମାସ ପରେ ପିଲାଙ୍କର ୨୦୨୬-୨୭ ବର୍ଷ ପାଠ୍ୟକ୍ରମ ଆରମ୍ଭ ହେବ। ହେଲେ ହଷ୍ଟେଲରେ ଛାତ୍ରୀଛାତ୍ର ରହିବା ନେଇ ଅଦ୍ୟାବଧି ପ୍ରସ୍ତୁତି ସରିନାହିଁ। ୱାଚ୍‌ମ୍ୟାନ, ୱାର୍ଡେନ, ସିକ୍ୟୁରିଟି ଗାର୍ଡ ଆଦି ଗୁରୁତ୍ୱପୂର୍ଣ୍ଣ ପଦବୀ ମଧ୍ୟ ପୂରଣ ହୋଇନାହିଁ। ଓଏଭି ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କ ରହିବା ପାଇଁ ଆବଶ୍ୟକ ବିଭିନ୍ନ ଆସବାବପତ୍ର କ୍ରୟ କରିବାକୁ ପ୍ରାୟ ୧୪ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଟେଣ୍ଡର ମାଧ୍ୟମରେ ଏସବୁ ଜିନିଷ କିଣାଯିବ ବୋଲି ସୂଚନା ମିଳିଛି। ଏତେଗୁଡ଼ାଏ କାମ ଅଦ୍ୟାବଧି ହୋଇ ନ ଥିବାରୁ ନୂଆ ପାଠ୍ୟକ୍ରମ ସମୟରେ ଛାତ୍ରୀଛାତ୍ର ହଷ୍ଟେଲରେ ରହିପାରିବେ କି ନାହିଁ, ଅଭିଭାବକ ସନ୍ଦେହରେ ଅଛନ୍ତି। ସେହିପରି ବିଦ୍ୟାଳୟ ପରିସରରେ ଜଳ ନିଷ୍କାସନର ଠିକ୍ ବ୍ୟବସ୍ଥା ନ ଥିବାରୁ ଅସରାଏ ବର୍ଷାରେ ବର୍ଷାଜଳ ଲହଡ଼ି ମାରୁଛି। ଫଳରେ ଛାତ୍ରୀଛାତ୍ର ଆସୁଥିବା ଭଡ଼ା ଗାଡ଼ି ବିଦ୍ୟାଳୟ ପରିସରରେ ନ ରହି ମୁଖ୍ୟରାସ୍ତା କଡ଼ରେ ପାର୍କିଂ କରୁଛି। ବର୍ଷ ବର୍ଷ ଧରି ଶତାଧିକ ପିଲା ହଷ୍ଟେଲରେ ରହିବାକୁ ଆଶା ବାନ୍ଧିଥିବା ଏବେ ସ୍ୱପ୍ନ ପାଲଟିଛି। ଜିଲାପାଳ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ହଷ୍ଟେଲ ସହ ଅନ୍ୟାନ୍ୟ ସମସ୍ୟା ପ୍ରତି ଦୃଷ୍ଟି ଦେଇ ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ରୀନିବାସ ମଲ୍ଲିକ କହିଛନ୍ତି, ୨୦୨୫ ଡିସେମ୍ବରରୁ ଆଦର୍ଶ ବିଦ୍ୟାଳୟକୁ ହଷ୍ଟେଲ ହସ୍ତାନ୍ତର କରି ଦିଆଯାଇଛି। ବାଳିକା ହଷ୍ଟେଲର ସୁରକ୍ଷା ପାଚେରି କାମ ଏଷ୍ଟିମେଟରେ ନ ଥିଲା। ଏ ସମ୍ପର୍କରେ ଆଦର୍ଶ ବିଦ୍ୟାଳୟର ଅଧକ୍ଷା ତନ୍‌ବିର ଆବିଦ କହିଛନ୍ତି, ସୁରକ୍ଷା ଦୃଷ୍ଟିକୋଣରୁ ଉଭୟ ହଷ୍ଟେଲ ମଧ୍ୟରେ ପାଚେରି ନିର୍ମାଣ ଆବଶ୍ୟକ। ଛାତ୍ରୀଛାତ୍ରଙ୍କ ରହିବା ସରଞ୍ଜାମ ଓ ବିଭିନ୍ନ ପଦପଦବୀ ନିଯୁକ୍ତି ନେଇ ଖୁବ୍‌ଶୀଘ୍ର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇବ।

# କବିଙ୍କ ପ୍ରତିମୂର୍ତ୍ତି ଚାରିପାଖରେ ଛାଇଯାଇଛି ଦଳୀୟ ପତାକା



ବାସୁଦେବପୁର ସହରର ମଧ୍ୟଭାଗରେ ଥିବା କବି ବାଞ୍ଛାନିଧି ମହାନ୍ତିଙ୍କ ପ୍ରତିମୂର୍ତ୍ତି ଚାରିପାଖରେ ଭାଜପା ପତାକା ଲଗାଯାଇଛି।

ବାସୁଦେବପୁର,୭।୪(ନାରାୟଣ ପ୍ରସାଦ ବାରିକ୍)

**ହଟାଇବାକୁ ଦାବି**

ବାସୁଦେବପୁର ସହରର ମଧ୍ୟଭାଗରେ ପୌରପାଳିକା ପକ୍ଷରୁ ବିପ୍ଳବୀ କବି ତଥା ସ୍ୱାଧୀନତା ସଂଗ୍ରାମୀ ବାଞ୍ଛାନିଧି ମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ଷ୍ଟିଲ୍ ରେଲିଂ ଆବଦ୍ଧ କରାଯାଇଛି। ସୋମବାର ପ୍ରତିମୂର୍ତ୍ତି ଚାରିପାଖରେ ଭାଜପାର ପତାକା ଲଗାଯାଇଥିବା ଦେଖିବାକୁ ମିଳିଛି। ଭାଜପାର ପ୍ରତିଷ୍ଠା ଦିବସ ଅବସରରେ ସହରର ବିଭିନ୍ନ ରାସ୍ତାକଡ଼ରେ ବ୍ୟାନର, ପୋଷ୍ଟର ଲଗାଯାଇଥିବା ବେଳେ ପ୍ରତିମୂର୍ତ୍ତି ଚତୁଃପାର୍ଶ୍ୱରେ ମଧ୍ୟ ପତାକା ଛାଇଯାଇଛି। ଏହା କବି, ସାହିତ୍ୟିକ, ବୁଦ୍ଧିଜୀବୀ ଓ ସାଧାରଣ ଜନତାଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ତୁରନ୍ତ ପ୍ରତିମୂର୍ତ୍ତି ଚାରିପାଖରୁ ଦଳୀୟ ପତାକାକୁ କାଢ଼ି ନେବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି। ଆଗାମୀ ଦିନରେ କବିଙ୍କ ପ୍ରତିମୂର୍ତ୍ତି ନିକଟରେ କୌଣସି ରାଜନୈତିକ ଦଳର ବ୍ୟାନର, ପୋଷ୍ଟର ନ ଲଗାଇବାକୁ ପୌରପାଳିକା ମାର୍ଗଦର୍ଶିକା ଓ ଜନସଚେତନତା ସୃଷ୍ଟି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଭଣ୍ଡାରିପୋଖରୀ,୭।୪(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଦେସିଙ୍ଗା ପଞ୍ଚାୟତର ଓଳା ଗ୍ରାମରେ ତାରିଣୀ ମନ୍ଦିରର ୫ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଘଟ ଉତ୍ତୋଳନ, ସୂର୍ଯ୍ୟ ପୂଜା ପରେ ସ୍ଥାନୀୟ ଅଞ୍ଚଳର ଓ ଜଗତର କଲ୍ୟାଣ ପାଇଁ ମା' ତାରିଣୀଙ୍କ ପୂଜାର୍ଚ୍ଚନା, ହୋମଯଜ୍ଞ ହୋଇଥିଲା। କର୍ତ୍ତା ଭାବେ ପ୍ରଦୀପ କୁମାର ସାହୁ ଓ ପ୍ରଭାରାଣୀ ସାହୁ ସଂକଳ୍ପ କରିଥିଲେ। ଶ୍ରୀକାନ୍ତ ପଣ୍ଡା ଓ ଦୀପକ ଦାସ ପୂଜାର୍ଚ୍ଚନା କରିଥିଲେ। ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ। ଶ୍ୟାମସୁନ୍ଦର ପାତ୍ର, ଧର୍ମାନନ୍ଦ ସାହୁ, ମାୟାଧର ସାହୁ, ଅନିରୁଦ୍ଧ ଖିଲାର, ପରମାନନ୍ଦ ସାହୁ, ପ୍ରତାପ ସାହୁ, ମନୋଜ ବେହେରା, ଶରତ ସାହୁ, ଅମୂଲ୍ୟନିଧି ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ବର୍ଣ୍ଣବୋଧ ଦିବସ



ଛାତ୍ରୀଛାତ୍ରଙ୍କୁ ବର୍ଣ୍ଣବୋଧ ବହି ବଣ୍ଟନ କରାଯାଉଛି।

ଭଦ୍ରକ,୭।୪(ସନାତନ ରାଉତ/ ରବିନାରାୟଣ ଖିଲାର)

ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଓ ଜିଲା ପ୍ରଶାସନର ମିଳିତ ଅନୁକୂଲ୍ୟରେ ମଙ୍ଗଳବାର ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ବର୍ଣ୍ଣବୋଧ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ଭାଷାର ମୂଳ ଅକ୍ଷର ଓ ବର୍ଣ୍ଣବୋଧ ବିଷୟରେ ସଚେତନ କରାଯାଇଥିଲା। ବିଭିନ୍ନ ଶିକ୍ଷାମୂଳକ କାର୍ଯ୍ୟକ୍ରମ, ପାଠପଢ଼ା ଓ ଆଲୋଚନା ମାଧ୍ୟମରେ ଓଡ଼ିଆ ଭାଷା ପ୍ରତି ଆଗ୍ରହ ବୃଦ୍ଧି କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ପିଲାମାନଙ୍କୁ ବର୍ଣ୍ଣବୋଧର ଉପକାରିତା ଓ ଓଡ଼ିଆ ଭାଷାର ମହତ୍ତ୍ୱ ବିଷୟରେ ବୁଝାଇଥିଲେ।

ଏହି ଅବସରରେ ବର୍ଣ୍ଣବୋଧ ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅବସରପ୍ରାପ୍ତ ଅଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁ, ଭଦ୍ରକ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ଅଭୟ ଦାସ, ଭଦ୍ରକ କଲେଜର ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପିକା ମନୋରମା ନାୟକ, ସ୍ତମ୍ଭକାର ଅଭୟ ସୂତାର, ଅଧ୍ୟାପକ ଦତ୍ତାତ୍ରେୟ ଦାଶ ପ୍ରମୁଖ ଯୋଗଦେଇ ବର୍ଣ୍ଣବୋଧ ସମସ୍ତ ଓଡ଼ିଆଙ୍କ ପ୍ରତି ଅବଦାନ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଡା. ଜଗବନ୍ଧୁ ସାହୁ, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ଓ ବ୍ଲକ ଶିକ୍ଷା ଅଧିକାରୀ ଚକ୍ରଧର ମଲ୍ଲିକ ଉପସ୍ଥିତ ଥିଲେ। ବର୍ଣ୍ଣବୋଧ ଦିବସରେ ପିଲାମାନଙ୍କୁ ବର୍ଣ୍ଣବୋଧ ବହି ବଣ୍ଟନ କରାଯାଇଥିଲା। ସହକାରୀ ଶିକ୍ଷକ ମନୋଜ କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲା ବିଜ୍ଞାନ ନିରୀକ୍ଷିକା ହିମାଦ୍ରୀ ନନ୍ଦିନୀ ବିଶ୍ୱାଳ ସହଯୋଗ କରିଥିଲେ।

# ଭଦ୍ରକାଳୀ ମନ୍ଦିରରୁ ଚୋରି ଘଟଣା, ୨ ଗିରଫ

ଭଦ୍ରକ,୭।୪(ସନାତନ ରାଉତ)

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠରୁ ରବିବାର ବିଳମ୍ବିତ ରାତିରେ ଚୋରି ଘଟଣାରେ ୨ ଯୁବକଙ୍କୁ ଗ୍ରାମାଞ୍ଚଳ ପୋଲିସ ଗିରଫ କରିଛି। ସେମାନେ ହେଲେ ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ଗଦି ସାମନ୍ତରାଏପୁରର ଦିପୁନ ବେହେରା ଓ ସିପୁନ ବାରିକ। ସ୍ଥାନୀୟ ଲୋକଙ୍କର ମା' ଭଦ୍ରକାଳୀଙ୍କ ପ୍ରତି ଭକ୍ତି ଓ ନିଷ୍ଠା ରହିଥିବାରୁ ସେମାନେ କେବେ ଚୋରି କରିପାରିବେନି। ବାହାର ଲୋକ ଏହି ଅଞ୍ଚଳରେ କିଏ ରହୁଛନ୍ତି, ସେହି ଆଧାରରେ ତଦନ୍ତ କରାଯାଇ ଏହି ୨ ଜଣଙ୍କ ନିକଟରେ ପୋଲିସ ପହଞ୍ଚିଥିଲା ବୋଲି ମଙ୍ଗଳବାର ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ମନୋଜ ରାଉତ ସୂଚନା ଦେଇଛନ୍ତି। ୨ ଯୁବକ ଗତ ୪/୫ ଦିନ ଧରି ଏହି ଅଞ୍ଚଳରେ ସମ୍ପର୍କୀୟଙ୍କ ଘରେ ରହିଆସୁଥିଲେ। ସେମାନଙ୍କ ହାବଭାବ ସନ୍ଦେହଜନକ ଥିଲା ବୋଲି ପୋଲିସ ଜାଣିବା ପରେ ସୋମବାର ଅପରାହ୍ଣରେ ୨ ଯୁବକଙ୍କୁ ଥାନାକୁ ନେଇ ପଚରାଉଚରା ପରେ ସେମାନେ ଚୋରି କରିଥିବା ସ୍ୱୀକାର କରିଥିଲେ ବୋଲି ଏସ୍‌ପି କହିଛନ୍ତି। ପ୍ରକାଶଥାଉ କି, ଭଦ୍ରକାଳୀ ମନ୍ଦିରର ହୁଣ୍ଡି ବାକ୍ସ ତାଲା ଭାଙ୍ଗି ଟଙ୍କା ଚୋରି ହୋଇଥିବା ନେଇ ମନ୍ଦିର ଟ୍ରଷ୍ଟି ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ଅଭିଯୋଗକ୍ରମେ ଗ୍ରାମାଞ୍ଚଳ ଥାନାରେ ମାମଲା (ନଂ.୨୮୩/୨୬) ରୁଜୁ ହୋଇଥିଲା।

# ରାସ୍ତା ଅବରୋଧ କରିଥିବା ଗଛ କଟାଗଲା



ଚାନ୍ଦବାଲି ବ୍ଲକ କୁଳେଇପଦା ନିକଟରେ ଜାତୀୟ ରାଜପଥରେ ପଡ଼ିଥିବା ଗଛ କାଟୁଛନ୍ତି ଅଗ୍ନିଶମ କର୍ମଚାରୀ।

ଧୁଷୁରୀ, ୭।୪(ଦୀପ୍ତିରଞ୍ଜନ ନାୟକ)

ଝଡ଼ ତୋଫାନରେ ଗତ ଶନିବାରଠାରୁ ଚାନ୍ଦବାଲି ବ୍ଲକ କୁଳେଇପଦା ନିକଟରେ ୨୦ ନଂ. ଜାତୀୟ ରାଜପଥରେ ପଡ଼ିରହିଥିବା ଗଛକୁ ମଙ୍ଗଳବାର ମଧ୍ୟାହ୍ନରେ କଟାଯାଇଛି। ଧାମନଗର ଅଗ୍ନିଶମ କର୍ମଚାରୀ ପହଞ୍ଚି ଗଛ କାଟି ଉକ୍ତ ରାସ୍ତାକୁ ବିପଦମୁକ୍ତ କରିଛନ୍ତି। '୩ ଦିନ ହେଲା ରାସ୍ତାରେ ପଡ଼ିରହିଛି ଗଛ' ଶୀର୍ଷକ ଖବର ମଙ୍ଗଳବାର ଧରିତ୍ରୀରେ ପ୍ରକାଶ ପାଇଛି। ଏହାର ପ୍ରଭାବରେ ରାସ୍ତା ଅବରୋଧ କରିଥିବା ଗଛ କଟାଗଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସୂଚନାଯୋଗ୍ୟ, ୩ ଦିନ ଧରି ଗଛ ରାସ୍ତାରେ ପଡ଼ିରହି ଯାନବାହନ ଚଳାଚଳରେ ବାଧା ସୃଷ୍ଟି କରୁଥିଲା। ପ୍ରଶାସନର ନୀରବତା ଓ ପଦକ୍ଷେପ ନ ନେବାକୁ ନେଇ ଲୋକେ ପ୍ରଶ୍ନ କରିବା ସହ ଅସନ୍ତୋଷ ପ୍ରକାଶ କରିଥିଲେ।

# ଭାଜପାର ପ୍ରଶିକ୍ଷଣ ମହାଭିଯାନ



ପ୍ରଶିକ୍ଷଣ ଶିବିରରେ ଭାଜପା ନେତା ଓ କର୍ମୀ।

ବନ୍ତ,୭।୪(କିଶୋର କୁମାର ସେଠୀ)

ବନ୍ତ ସରସ୍ୱତୀ ବିଦ୍ୟାମନ୍ଦିରଠାରେ ସୋମବାର ଭାଜପା ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ଜିଲା ସଭାପତି ଭଗବାନ ପଣ୍ଡା, ନିର୍ବାଚନମଣ୍ଡଳୀ ନେତା ସୁଧାଂଶୁ ଶେଖର ନାୟକ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ସମ୍ପାଦକ କିଶୋର କିଙ୍କର ପଢ଼ିହାରୀ, ଆଇଟି ସେଲ୍‌ର ସଦସ୍ୟ ସୁଶାନ୍ତ ପଣ୍ଡା, ଜିଲା ଉପସଭାପତି ଅମୂଲ୍ୟ ନାୟକ, ସାଧାରଣ ସମ୍ପାଦକ ଆନନ୍ଦ ଚନ୍ଦ୍ର ଓଝା, ଯଶୋବନ୍ତ ସାହୁ, କୃପାସିନ୍ଧୁ ସେଠୀ, ସମିତିସଭ୍ୟ ପରମେଶ୍ୱର ବାରିକ, ଖଗେଶ୍ୱର ବେହେରା, ଲକ୍ଷ୍ମୀଧର ବେହେରା, ସନ୍ତୋଷ ନାୟକ ପ୍ରମୁଖଙ୍କ ସହ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ। ଏମ୍‌ପି ପ୍ରଥମେ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ନୂତନ ଭାରତ ଗଠନ କରିବାକୁ ହେଲେ 'ସବ୍‌କା ସାଥ୍, ସବ୍‌କା ବିକାଶ'କୁ ସମସ୍ତେ ମୁଖ୍ୟ ଲକ୍ଷ୍ୟ ଏବଂ ଆହ୍ୱାନ ଭାବେ ଗ୍ରହଣ କରି ଆଗକୁ ଅଗ୍ରସର ହେବାକୁ ବୈଠକରେ ମତପ୍ରକାଶ ପାଇଥିଲା।

# ଯାତ୍ରୀ, ପଥଚାରୀଙ୍କୁ ଡରାଉଛି ମଲାଗଛ

**କାଳବୈଶାଖୀରେ ଭାଙ୍ଗିପଡ଼ିବା ଭୟ**

ବାସୁଦେବପୁର,୭।୪ (ନାରାୟଣ ପ୍ରସାଦ ବାରିକ୍)



ଇନ୍‌ଡୋର ଷ୍ଟାଡିୟମ୍ ରାସ୍ତାରେ ବିପଜ୍ଜନକ ଭାବେ ଥିବା ଥୁଣ୍ଟା ଗଛ।

କାଳବୈଶାଖୀ ପ୍ରଭାବରେ ବାସୁଦେବପୁର ଅଞ୍ଚଳରେ ଗତ ୨ ଦିନ ଧରି ପ୍ରବଳ ବର୍ଷା ସହ ପବନ ହେଉଛି। ଅପରାହ୍ଣ ହେଲେ ସହର ଯାତ୍ରୀ, ପଥଚାରୀ, ଦୋକାନୀ, କ୍ରୀଡ଼ାବିତ୍ ଓ ଜନସାଧାରଣଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହେଉଛି। ସହର ସଂଲଗ୍ନ ଅଞ୍ଚଳରେ ଥିବା କେତେକ ମଲା ଗଛ ବିଶେଷକରି ପ୍ରାଣୀ ଚିକିତ୍ସାଳୟର ପ୍ରବେଶ ପଥର ବାମପଟେ ଏକ ବୃହତ୍ ମଲା ଗଛ ଗତ କିଛିଦିନ ହେବ ଥୁଣ୍ଟା ଅବସ୍ଥାରେ ଛିଡ଼ାହୋଇଛି। ସେହିପରି ଇନ୍‌ଡୋର ଷ୍ଟାଡିୟମ୍‌କୁ ପ୍ରବେଶ କଲାବେଳେ ରାସ୍ତାର ଡାହାଣ ପାର୍ଶ୍ୱରେ ୩/୪ଟି ଆମ୍ବଗଛ ମଧ୍ୟ ଥୁଣ୍ଟା ଅବସ୍ଥାରେ ଗତ କିଛି ମାସ ହେବ ଅଛି। କାଳବୈଶାଖୀ ପ୍ରଭାବରେ ବର୍ଷା ଓ ପବନ ସମୟରେ ଏସବୁ ଗଛ ନିକଟରେ ଦେଇ ଯିବା ଆସିବା ସମୟରେ ଯାତ୍ରୀ, ପଥଚାରୀ ଓ ବ୍ୟବସାୟୀଙ୍କ ମନରେ ଭୟ ରହୁଛି। ପୌରପାଳିକା ଓ ବନ ବିଭାଗ ଏ ଦିଗରେ ଦୃଷ୍ଟି ଦେଇ ସେହି ଗଛଗୁଡ଼ିକୁ ତୁରନ୍ତ କାଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ବୈତରଣୀର ସୁରକ୍ଷା, ଚାନ୍ଦବାଲିର ବିକାଶ ଉପରେ ଗୁରୁତ୍ୱ

**କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବର ୭ମ ସନ୍ଧ୍ୟା**



କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବର ୭ମ ସାନ୍ଧ୍ୟ କାର୍ଯ୍ୟକ୍ରମରେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଚାନ୍ଦବାଲି,୭।୪(ରତିକାନ୍ତ ବାରିକ)

ଚାନ୍ଦବାଲି ଦୁର୍ଗାପଡ଼ିଆରେ ଚାଲିଥିବା କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବର ସୋମବାର ଥିଲା ୭ମ ସନ୍ଧ୍ୟା। ମହୋତ୍ସବ କମିଟିର ସଦସ୍ୟ ଜିଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ମୁଖ୍ୟବକ୍ତା ରାଜ୍ୟ ଖାଉଟି କଲ୍ୟାଣ ମହାସଂଘର ସଭାପତି ପ୍ରତାପ ଚନ୍ଦ୍ର ଧଳ, ଅନ୍ୟତମ ଅତିଥି ଭାବେ ଚାନ୍ଦବାଲି ଏନ୍‌ଏସି ଅଧକ୍ଷା ଶାନ୍ତିଲତା ସେଠୀ, ସାମାଜିକ କର୍ମୀ ସତ୍ୟାନନ୍ଦ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଚାନ୍ଦବାଲି-କନିକାର କୃଷି ଓ ଭିତ୍ତିଭୂମିର ଉନ୍ନତୀକରଣ ପାଇଁ ଅତିଥିମାନେ ପ୍ରସ୍ତାବ ରଖିଥିଲେ। ବିଧାନସଭାରେ ବୈତରଣୀ ନଦୀର ସୁରକ୍ଷା ଓ ଚାନ୍ଦବାଲିର ବିକାଶ ଉପରେ ଆଲୋଚନା ରଖିବା ପାଇଁ ବିଧାୟକ କହିଥିଲେ। କମିଟିର ବରିଷ୍ଠ କାର୍ଯ୍ୟକର୍ତ୍ତା ରଘୁନାଥ ସାହୁ ସ୍ୱାଗତ ଭାଷଣ ଓ ବ୍ରଜ ସୁନ୍ଦର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ।

ଏହି ଅବସରରେ ଶିକ୍ଷାବିତ୍ ପ୍ରଫୁଲ୍ଲ ଦାସ ଏବଂ ଖବରକାଗଜ ବିକ୍ରେତା ପ୍ରବୀର ସେଣଙ୍କ ସମେତ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସାହିତ୍ୟ ଏକାଡେମୀ ଓ ଶାରଳା ପୁରସ୍କାରପ୍ରାପ୍ତ ବିଶିଷ୍ଟ ଐତିହାସିକ ଦିବଂଗତ ପ୍ରଫୁଲ୍ଲ ଦାସ ଏବଂ ସ୍ୱାଧୀନତା ସଂଗ୍ରାମୀ ଦୁର୍ଯ୍ୟୋଧନ ମିଶ୍ରଙ୍କ ସ୍ମୃତିରେ ୭ମ ସନ୍ଧ୍ୟାକୁ ଉତ୍ସର୍ଗ କରାଯାଇଥିଲା। କମିଟି ଆବାହକ ବିଶ୍ୱକେଶରୀ ମହାନ୍ତି, କୋଷାଧ୍ୟକ୍ଷ ନିର୍ମଳ ରାଉତ, କାର୍ଯ୍ୟକାରୀ ସଭାପତି ବ୍ରଜକିଶୋର ପଣ୍ଡା, ଗଙ୍ଗାଧର ଦାସ, ପ୍ରକାଶ ସେଠୀ, କେଦାର ନାଥ ମହାନ୍ତି, ଦିଲୀପ ବେହେରା, ନାରୀନେତ୍ରୀ ଚନ୍ଦ୍ରକାନ୍ତୀ ଦାସ, ଗୀତାଞ୍ଜଳି ମହାନ୍ତିଙ୍କ ସମେତ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ। କାର୍ଯ୍ୟକାରୀ ସଦସ୍ୟ ଅମିୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ଟ୍ରକ୍ ପଛରେ ପିଟିହୋଇ ହାଇୱା ଚାଳକ ଗୁରୁତର

ଭଣ୍ଡାରିପୋଖରୀ,୭।୪(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ପୁରିପଡ଼ା ଛକ ନିକଟରେ ମଙ୍ଗଳବାର ସକାଳେ ଏକ ସଡ଼କ ଦୁର୍ଘଟଣାରେ ଜଣେ ହାଇୱା ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ବାଲେଶ୍ୱର ଜିଲା ଖନ୍ତାପଡ଼ା ଅଞ୍ଚଳର ରଣଜିତ ପଣ୍ଡା(୪୮)। ସୂଚନା ଅନୁଯାୟୀ, ଉକ୍ତ ସ୍ଥାନରେ ପାର୍କିଂ କରିଥିବା ଅଜଣା ମାଲବାହୀ ଟ୍ରକ୍ ପଛକୁ ହାଇୱା ପିଟିବା ଫଳରେ ହାଇୱାର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ହାଇୱା ଚାଳକ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଚାଳକଙ୍କୁ ରାଜପଥ ଆମ୍ବୁଲାନ୍ସ ଯୋଗେ କଟକ ଡାକ୍ତରଖାନାକୁ ପଠାଯାଇଥିଲା। ପାର୍କିଂ କରିଥିବା ଟ୍ରକ୍ କୌଶଳକ୍ରମେ ସେଠାରୁ ଖସି ପଳାଇଥିଲା।


## ତହସିଲଦାରଙ୍କ କାର୍ଯ୍ୟାଳୟ, ବାରିପଦା (ମୟୂରଭଞ୍ଜ)

ବିଜ୍ଞାପନ ସଂଖ୍ୟା: ୨୨୬୦, ତା.04.04.2026

**ବିଜ୍ଞାପନ**

ଏତଦ୍ଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମୌଜା: Unit No.02, Ambikasahi ଖାତା ନଂ. 33, ଥାନା ନଂ.88 ତହସିଲ-ବାରିପଦା, ଜିଲ୍ଲା-ମୟୂରଭଞ୍ଜ ଜମିଜମା ସଂଶୋଧନ ନିମନ୍ତେ ଦାଖଲ ଖାରଜ ସଂଖ୍ୟା:4362/2025ର ଶୁଣାଣି ତା.17.04.2026 ରିଖ ସମୟ 10.00 AM କୁ ଧାର୍ଯ୍ୟ କରାଯାଇଅଛି । ନିମ୍ନ ତଫସିଲଭୁକ୍ତ ପ୍ରସ୍ତାବିତ ଜମିଜମା ସଂଶୋଧନରେ ଆପଣଙ୍କର କୌଣସି ଆପତ୍ତି ଥିଲେ ତା.17.04.2026 ରିଖ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ଇଜିଲାସରେ ଅଭିଯୋଗ ଦାଖଲ କରିବେ । ଏହି ଅଭିଯୋଗ ମୋକଦ୍ଦମାର ଫଏସଲା ସମୟରେ ବିଚାର କରାଯିବ । ଧାର୍ଯ୍ୟ ସମୟ ପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ।

**ପ୍ରସ୍ତାବିତ ଜମି ସଂଶୋଧନ ତଫସିଲ**

ମୌଜା:ୟୁନିଟ ନଂ.2 ଅମ୍ବିକାସାହି — ଖାତା ନଂ.33

| ରେକର୍ଡଭୁକ୍ତ ପ୍ରଜା | ପ୍ରସ୍ତାବିତ ପ୍ରଜା | ପ୍ଲଟ ନଂ. | କିସମ | ପୂରା ରକବା (ଏକର) | ପୂରା ରକବା (ହେକ୍ଟର) | ହସ୍ତାନ୍ତର ରକବା (ଏକର) | ହସ୍ତାନ୍ତର ରକବା (ହେକ୍ଟର) |
|---|---|---|---|---|---|---|---|
| ପ୍ରଦୀପ ଚନ୍ଦ୍ର ଭଞ୍ଜଦେଓ, ପି:ପ୍ରତାପ ଚନ୍ଦ୍ର ଭଞ୍ଜଦେଓ, ଜା:କ୍ଷତ୍ରୀୟ, ବା:ନିଜଗାଁ | ଶ୍ରୀ/ଶ୍ରୀମତୀ ରାଜକିଶୋର ସାହୁ, ପି:ଭାସ୍କର ଚନ୍ଦ୍ର ସାହୁ ବା:ବାଘଡାରୋଡ, ୱାର୍ଡ ନଂ.19 | 274 | ଘରବାରି ଦୁଇ | 0.7050 | 0.2853 | 0.0225 | 0.0091 |
| | | 315 | | 0.0860 | 0.0348 | 0.0500 | 0.0202 |
| | | 316 | | 0.0270 | 0.0109 | 0.0250 | 0.0101 |

ସ୍ୱା./-ତହସିଲଦାର, ବାରିପଦା (ମୟୂରଭଞ୍ଜ)

# ୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରିରୁ ବଞ୍ଚିତ

- ସରିଲା ଖରିଫ ଧାନକିଣା ଅବଧି
- କିଣା ହେଲା ୨୯ଲକ୍ଷ କୁଇଣ୍ଟାଲ

ବାରିପଦା,୭।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଚଳିତ ବର୍ଷ ଲକ୍ଷ୍ୟ ଧାର୍ଯ୍ୟଠାରୁ ସର୍ବକାଳୀନ ରେକର୍ଡ ପରିମାଣର ଧାନ କିଣା ଯାଇଥିବା ବେଳେ ୫ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ଧାନ ବିକ୍ରି କରି ନାହାନ୍ତି। ଯାହାକୁ ନେଇ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି ।

ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ, ଚଳିତ ଖରିଫ ଋତୁର ଧାନକିଣା ଅବଧି ଅପ୍ରେଲ ୭ତାରିଖ ପର୍ଯ୍ୟନ୍ତ ରହିଥିଲା। ଜିଲାର ୧୦୨ଟି କ୍ରୟକେନ୍ଦ୍ରରୁ ୧୭ ମିଲର ଧାନ କ୍ରୟ କରିଥିଲେ। ୬ତାରିଖ ରିପୋର୍ଟ ଅନୁସାରେ ମୟୂରଭଞ୍ଜ ଜିଲାରେ ୭୭ହଜାର ୯୯୯ଚାଷୀଙ୍କ ପାଖରୁ ୨୮ଲକ୍ଷ ୯୪ହଜାର ୯୯୫ କୁଇଣ୍ଟାଲ ୮୧ କେଜି ଧାନ କିଣାଯାଇଛି। ଶେଷଦିନରେ ଆଉ ସ୍ୱଳ୍ପ କିଣାଯିବାକୁ ରହିଛି। ତେବେ ଗତବର୍ଷ ତୁଳନାରେ ପାଖାପାଖି ସାଢେ ୬ଲକ୍ଷ କୁଇଣ୍ଟାଲ ଧାନ ଅଧିକ କିଣାଯାଇଛି । ଗତବର୍ଷ ଜିଲାରୁ ୨୨ଲକ୍ଷ ୩୫ କୁଇଣ୍ଟାଲ ଧାନ କିଣା ଯାଇଥିଲା। ବିକ୍ରି ଯୋଗ୍ୟ ଧାନ ଚାଷୀଙ୍କ ପାଖରେ ରହିଥିବାରୁ ଧାନ କିଣା ଧାର୍ଯ୍ୟ ଲକ୍ଷ୍ୟ ପରବର୍ତ୍ତୀ ସମୟରେ ଜିଲାପାଳ ହେମକାନ୍ତ ସୟଙ୍କ ନିର୍ଦ୍ଦେଶରେ ବୃଦ୍ଧି କରାଯାଇଥିଲା ବୋଲି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା କହିଛନ୍ତି। ମିଲରଙ୍କ ପାଖରେ ଜାଗା ଅଭାବ ଥିବାରୁ ଆର୍‌ଏମ୍‌ସି ଓ ଲ୍ୟାମ୍ପସ ଗୋଦାମ ବ୍ୟବହାର ପାଇଁ ଅନୁମତି ଦିଆଯାଇଥିଲା। ଜିଲାରେ ଧାନକିଣା ସୁରୁଖୁରୁରେ ଚାଲିବା ଫଳରେ ମୟୂରଭଞ୍ଜ ଧାନକିଣାରେ ନୂଆ ରେକର୍ଡ ସୃଷ୍ଟି କରିଛି। ତେବେ ବିଭିନ୍ନ ମଣ୍ଡିରେ କଟନି ଛଟନି ଓ ପ୍ରଶାସନିକ ଅବହେଳାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଚାଷୀଙ୍କ ଅଭିଯୋଗ ଅନୁସାରେ, ମିଲରଙ୍କ ସହ ସଲାସୁତରା କରି ମଣ୍ଡିଗୁଡ଼ିକରେ ୮ରୁ ୧୪ କିଲୋଗ୍ରାମ ପର୍ଯ୍ୟନ୍ତ କଟନି ଛଟନି କରାଯାଇଥିଲା। ଏଫଏକ୍ୟୁ ମାନଦଣ୍ଡ ନାଁରେ ଚାଷୀଙ୍କୁ ଶୋଷଣ କରାଯାଉଥିବା କୃଷକ ସଂଗଠନ ଅଭିଯୋଗ କରିଥିଲ। ଠିକ୍ ସମୟରେ ଟୋକନ ନ ଆସିବା, କମ୍ ପରିମାଣର ଟୋକନ ମିଳିବା ଏବଂ ଗାଡି ଲୋଡିଂ ନାଁରେ ବେଆଇନ ଅର୍ଥ ଆଦାୟ ହେଉଥିବା ଭଳି ସଂଗୀନ ଅଭିଯୋଗ ସାମ୍ନାକୁ ଆସିଥିଲା। ଜିଲାର ମୋଟ ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟା ୮୩ ହଜାର ୮୨୦ ଥିବା ବେଳେ ୭୭ହଜାର ୯୯୯ଜଣ ବିକ୍ରି କରିଛନ୍ତି। ଆହୁରି ୫ହଜାର ୮୨୧ଜଣ ଚାଷୀ ଟୋକନ ପାଇ ମଧ୍ୟ ଧାନ ବିକ୍ରି କରିନାହାଁନ୍ତି। ଟୋକନ ଅବଧିକୁ ୧ ମାସ କୋହଳ କରାଯିବା ସହ ସରକାର ଅଧିକ ୧୫ ଦିନ ସମୟ ଦେଇଥିଲେ ହେଁ ସେମାନେ ଧାନ ବିକ୍ରି ନ କରିବା କାରଣ ଜଣାପଡିନାହିଁ। ଯାହା ତଦନ୍ତ ସାପେକ୍ଷ ବୋଲି ଚାଷୀ ମହଲରେ ଦାବି ହୋଇଛି ।

# ଔଷଧ ଦୋକାନରେ ଚଢ଼ାଉ


ଡ୍ରଗ୍ସ ଇନ୍ସପେକ୍ଟର ଔଷଧ ଦୋକାନରେ ଯାଞ୍ଚ କରୁଛନ୍ତି।

ଉଦଳା,୭।୪(ସନ୍ତୋଷ କୁମାର ବାଛିନୀ)

ଉଦଳାର ବିଭିନ୍ନ ଔଷଧ ଦୋକାନରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ମୟୂରଭଞ୍ଜ ଡ୍ରଗ୍ସ ବିଭାଗ ପକ୍ଷରୁ ଚଢ଼ାଉ ସହ ଲାଇସେନ୍ସ ଯାଞ୍ଚ କରାଯାଇଥିଲା। ଏହା ସହିତ ଦୋକାନରେ ବିକ୍ରି ହେଉଥିବା ବିଭିନ୍ନ ପ୍ରକାର ଔଷଧର ଯାଞ୍ଚ କରାଯାଇଛି। ଏପରିକି ଔଷଧ କିଣିବା ଏବଂ ବିକ୍ରି ହେବା ସହିତ ଷ୍ଟକ ଓ ବିକ୍ରୀର କାଗଜ ପତ୍ର ଯାଞ୍ଚ କରିଛି ବିଭାଗ। ବିକ୍ରୀ ପାଇଁ ବାରଣ ଥିବା କୌଣସି ଔଷଧ ବିକ୍ରୀ ହେଉଛି କି ନାହିଁ ତାହାର ଯାଞ୍ଚ କରାଯାଇଥିଲା। କେତେକ ଔଷଧ ଦୋକାନରୁ ବିକ୍ରୀ ହେଉଥିବା ବିଭିନ୍ନ ଔଷଧ ଏବଂ ସିରପର ନମୁନା ମଧ୍ୟ ବିଭାଗୀୟ ଅଧିକାରୀ ଯାଞ୍ଚ ନିମନ୍ତେ ନେଇଥିବା ଡ୍ରଗ୍ସ ଇନ୍ସପେକ୍ଟର ପ୍ରଦୀପ କୁମାର ସାହୁ କହିଛନ୍ତି।

# ଭାଜପାର ପ୍ରତିଷ୍ଠା ଦିବସ


କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା କର୍ମକର୍ତ୍ତାମାନେ।

ବାରିପଦା,୭।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ପୂର୍ବ ଓ ପଶ୍ଚିମ ଜିଲା ଶାଖା ପକ୍ଷରୁ ଭାରତୀୟ ଜନତା ପାର୍ଟି ପ୍ରତିଷ୍ଠା ଦିବସକୁ ଜିଲାର ବିଭିନ୍ନ ସ୍ଥାନରେ ଉତ୍ସାହ ଉଦ୍ଦୀପନା ସହ ପାଳନ କରାଯାଇଛି। ଜିଲା ସଦର ମହକୁମା, ଉପଖଣ୍ଡ ତଥା ବିଭିନ୍ନ ବ୍ଲକ କେନ୍ଦ୍ରରେ ଦଳୀୟ ପତାକା ଉତ୍ତୋଳନ ପୂର୍ବକ ବିବିଧ ଲୋକ କଲ୍ୟାଣମୂଳକ କାର୍ଯ୍ୟକ୍ରମମାନ କରାଯାଇଛି। ଏହି ଅବସରରେ ବାରିପଦାର ତକତପୁରସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟରେ ଦଳୀୟ ପ୍ରତିଷ୍ଠା ଦିବସର ମୁଖ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭାଜପା ଜିଲା ସଭାପତି ନିହାର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ ଓ ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ପ୍ରମୁଖଙ୍କ ସମେତ ଶତାଧିକ ଯୁବଛାତ୍ର ଓ ମହିଳା ଯୋଗ ଦେଇଥିଲେ। ସଭାରେ ଦଳୀୟ ପତାକା ଉତ୍ତୋଳନ ଓ ବନ୍ଦେ ମାତରଂ ଗାନ ପରେ ପରେ ଦଳର ୪୬ ବର୍ଷର ଇତିହାସ ତଥା ଦେଶର ସାମ୍ପ୍ରତିକ ପରିସ୍ଥିତି ନେଇ ଚର୍ଚ୍ଚା ଆଲୋଚନା କରାଯାଇଥିଲା। ଏହିପରି କାର୍ଯ୍ୟକ୍ରମମାନ ରାଜ୍ୟ ତଥା ଜିଲାର ସମସ୍ତ ପ୍ରମୁଖ ସ୍ଥାନରେ ଆୟୋଜିତ ହୋଇଯାଇଛି ବୋଲି ରାଜ୍ୟ ପ୍ରବକ୍ତା ଶତପଥୀ ପ୍ରକାଶ କରିଛନ୍ତି।

# ଶିଳଦା ପୋଲ ଅନୁଧ୍ୟାନକଲେ ଜିଲାପାଳ

## ୨ ଚକିଆ ଯାନ ଚଳାଚଳ ପାଇଁ ଅନୁମତି

ମୋରଡ଼ା,୭।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ଚିତ୍ରଡ଼ା–ମୋରଡା ମୁଖ୍ୟ ରାସ୍ତାର ଶିଳଦା ନିକଟରେ ଥିବା ଜମ୍ବୀରା ପୋଲର ମଧ୍ୟ ଭାଗ ଦବି ଯିବାରୁ ପୂର୍ତ୍ତବିଭାଗ ପକ୍ଷରୁ ଯାତାୟାତ ନିମନ୍ତେ ନିଷେଧ କରାଯାଇଥିଲା। ଫଳରେ ଚିତ୍ରଡା–ମୋରଡା ଯୋଗାଯୋଗ ବିଚ୍ଛିନ୍ନ ହୋଇଯିବାରୁ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଥିଲା। ଏକ ଅସ୍ଥାୟୀ ପୋଲ ବା ପୁରୁଣା ପୋଲର ମରାମତି କରି ଯୋଗାଯୋଗ ପାଇଁ ଗତ ଏପ୍ରିଲ ୨ ତାରିଖରେ ଅଞ୍ଚଳବାସୀଙ୍କ ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାର ପର ଦିନ ମାର୍ଚ୍ଚ ୩ ତାରିଖରେ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ତରଫରୁ ପୋଲ ନିକଟରେ ଧାରଣା ମଧ୍ୟ ଦିଆଯାଇଥିଲା। ତେବେ ମଙ୍ଗଳବାର ଜିଲାପାଳ ହେମକାନ୍ତ ସୟ, ପୂର୍ତ୍ତବିଭାଗର ଅଧୀକ୍ଷଣ ଯନ୍ତ୍ରୀ ରୋହନ ଗୌରବ ରୟ,ଏସଡିଓ ଅରବିନ୍ଦ ମହାନ୍ତି, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ଗିରି ଶିଳଦାରେ ପହଞ୍ଚି ପୋଲର ସ୍ଥିତି ଅନୁଧ୍ୟାନ କରି ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ଅବିନାଶ ମହାନ୍ତି, ତୁଷାରକାନ୍ତ ବେହେରା, ସାମାଜିକ କର୍ମୀ ସୌରଭ ରଞ୍ଜନ ମହାନ୍ତି, ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ବର୍ତ୍ତମାନ ପୋଲ ଉପରେ କେବଳ ଦୁଇ ଚକିଆ ଯାନ ଯିବା ଆସିବା କରି ପାରିବ ଓ ବର୍ଷା ଋତୁ ପୂର୍ବରୁ ପୋଲର ମରାମତି କାର୍ଯ୍ୟ କରାଯାଇ ଚାରି ଚକିଆ ଯାନ ଯିବାଆସିବା ପାଇଁ ସୁବିଧା କରାଯିବ ବୋଲି କହିଛନ୍ତି ଅଧୀକ୍ଷଣ ଯନ୍ତ୍ରୀ ରୟ। ତେବେ ପୂର୍ବରୁ ଏଠାରେ ଥିବା ଗଚ୍ଛିତ ବାଲିର ଚୋରାଚାଲାଣକୁ ନେଇ ଜିଲାପାଳ ଉଦ୍‌ବେଗ ପ୍ରକାଶ କରିଥିଲେ।


ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ପୋଲ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ୨୮ ଗ୍ୟାସ୍ ସିଲିଣ୍ଡର ଜବତ

ବାରିପଦା,୭।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ବଡସାହି, ସାରସକଣା ଓ କରଞ୍ଜିଆ ବ୍ଲକ ଅଞ୍ଚଳରେ ଯୋଗାଣ ବିଭାଗ ଚଢ଼ାଉ କରି ୨୮ଟି ଗ୍ୟାସ ସିଲିଣ୍ଡର ଜବତ କରିଛି। ଚଢ଼ାଉ ସମୟରେ କେତେକ ସ୍ଥାନରେ ଅବୈଧ ଭାବେ ରଖାଯାଇଥିବା ଗ୍ୟାସ ସିଲିଣ୍ଡର ଗୁଡ଼ିକୁ ବିଭାଗ ଉଦ୍ଧାର କରିଛି।

ସୂଚନା ଅନୁଯାୟୀ, ବିଭାଗର ଅଧିକାରୀମାନେ ଗୁପ୍ତ ସୂଚନା ଆଧାରରେ ଏହି ତିନୋଟି ବ୍ଲକ ଅଞ୍ଚଳର ୪ଟି ସ୍ଥାନରେ ଚଢ଼ାଉ କରିଥିଲେ । ବଡସାହି ଥାନା ଅଧୀନ ଉଠାଣୀନୂଆଗାଁ ଗ୍ରାମରୁ ୧୪ଟି, ସାରସକଣା ବ୍ଲକର ୨ଟି ସ୍ଥାନରୁ ୮ଟି ଓ କରଞ୍ଜିଆ ଥାନା ଅଞ୍ଚଳରୁ ୬ଟିକୁ ମିଶାଇ ମୋଟ ୨୮ଟି ଗ୍ୟାସ ସିଲିଣ୍ଡର ଜବତ କରିଛନ୍ତି। ଏହିସିଲିଣ୍ଡରଗୁଡ଼ିକ କଳାବଜାରୀ ପାଇଁ ମହଜୁଦ ରଖାଯାଇଥିବା ଓ ଏ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି ବୋଲି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡା କହିଛନ୍ତି। ଜିଲା ପ୍ରଶାସନ ଏବଂ ବିଭାଗ ପକ୍ଷରୁ ଏଭଳି ଅବୈଧ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିବା ସହ ନିୟମିତ ଚଢ଼ାଉ ଜାରି ରଖିବେ ବୋଲି ସୂଚନା ମିଳିଛି।

# ଜଙ୍ଗଲରୁ ଯୁବକଙ୍କ ମୃତଦେହ ଜବତ

ଉଦଳା,୭।୪(ସନ୍ତୋଷ କୁମାର ବାଛିନୀ)

ଉଦଳା ଥାନା ନାବରା ସଂରକ୍ଷିତ ଶାଳ ଜଙ୍ଗଲ ଭିତରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ଗ୍ରାମ ଜଙ୍ଗଲରେ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ଯୁବକଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ମୃତଦେହ ନିକଟରେ ଏକ ସାଇକେଲ ରହିଛି। ଉକ୍ତ ସାଇକେଲଟି ମୃତକଙ୍କର ହୋଇଥିବା ପୋଲିସ ଅନୁମାନ କରୁଛି। ପାରିପାର୍ଶିକ ପରିସ୍ଥିତିରୁ ଏହା ଆତ୍ମହତ୍ୟା ହୋଇଥିବା ବେଳେ ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଥିବା ବେଳେ ଘଟଣାର ଖୋଳତାଡ଼ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଦୁର୍ବୃତ୍ତଙ୍କ ଖଣ୍ଡାଚୋଟରେ ଦୋକାନୀ ଗୁରୁତର

ବୈଶିଙ୍ଗା,୭।୪(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା ବଡ଼ସାହି ରାସ୍ତାର ବୁଢ଼ାବଳଙ୍ଗ ନଦୀର ନାଖରା ପୋଲ ନିକଟରେ ଥିବା ଜଣେ ତେଜରାତି ଦୋକାନୀଙ୍କୁ ମଙ୍ଗଳବାର ସନ୍ଧ୍ୟା ୭ ଟା ସମୟରେ ଦୁର୍ବୃତ୍ତ ଖଣ୍ଡାରେ ମରଣାନ୍ତକ କରି ଚମ୍ପଟ ମାରିଛନ୍ତି। ଆକ୍ରମଣରେ ଗୁରୁତର ଦୋକାନୀ ହେଲେ ନାଖରା ଗ୍ରାମର ଯୋଗେଶ୍ୱର ଖଣ୍ଡାଙ୍କ ପୁଅ ସରୋଜ (୩୯)।

ସୂଚନା ଅନୁଯାୟୀ, ପୂର୍ବରୁ ବୈଶିଙ୍ଗା–ବଡ଼ସାହି ରାସ୍ତାର ନାଖରା ପୋଲ ନିକଟରେ ସରୋଜଙ୍କର ଏକ ଢ଼ାବା ଥିଲା। ତେବେ କିଛି ଦିନ ପୂର୍ବରୁ ସେ ଢ଼ାବା ବନ୍ଦ କରି ସେହିଠାରେ ଏକ ତେଜରାତି ଦୋକାନ ଖୋଲି ନିଜ ପରିବାର ସହିତ ସେଠାରେ ରହି ଦୋକାନ ଚଳାଇ ଆସୁଛନ୍ତି। ତେବେ ସରୋଜଙ୍କ କହିବା ଅନୁଯାୟୀ, ସପ୍ତାହେ ପୂର୍ବରୁ ବାଲେଶ୍ୱର ଅଞ୍ଚଳର କେତେଜଣ ଯୁବକ ଆସି ତାଙ୍କୁ ମଦ ମାଗିଥିଲେ। ହେଲେ ସେ ଢ଼ାବା ବନ୍ଦ କରିଦେଇଛନ୍ତି ଓ ମଦ ଦେଇ ପାରିବେନି ବୋଲି ନିଜର ଅକ୍ଷମତା ପ୍ରକାଶ କରିଥିଲ। ଯେଉଁଥିପାଇଁ ବଚସା ହୋଇଥିଲା ଓ ଉକ୍ତ ଯୁବକମାନେ ସରୋଜଙ୍କୁ ହାଣିଦେବେ ବୋଲି ଧମକ ଦେଇ ଫେରିଯାଇଥିଲେ। ତେବେ ମଙ୍ଗଳବାର ସନ୍ଧ୍ୟା ସମୟରେ ୨ଟି ବାଇକ୍‌ରେ ୫ ଜଣ ଯୁବକ ଆସି କେହି କିଛି ବୁଝିବା ପୂର୍ବରୁ ହଠାତ ସରୋଜଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଖଣ୍ଡା ଚୋଟ ତାଙ୍କ ହାତରେ ବସି ଯାଇଥିଲା ଓ ଗଭୀର କ୍ଷତ ସୃଷ୍ଟି ହେବା ସହିତ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଆକ୍ରମଣ ପରେ ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ସରୋଜଙ୍କୁ ବୈଶିଙ୍ଗା ଡାକ୍ତରଖାନା ନେଇଥିଲେ। ପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଖବରପାଇ ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।


ଆକ୍ରମଣରେ ଗୁରୁତର ସରୋଜ।

# ଗୋମାଫିଆଙ୍କ ଘରେ ଚଢ଼ାଉ, ମାରଣାସ୍ତ୍ର ଜବତ

ବୈଶିଙ୍ଗା(ରତନ ଦାଶ)/
ରାଇରଙ୍ଗପୁର(ମାନସ ମହାନ୍ତି),୭।୪

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ପଞ୍ଚାୟତର ଗୋବିନ୍ଦରାୟପୁର, ତାଳପଦା ଏବଂ ଡାହିବାଡି ଅଞ୍ଚଳରେ ଦୀର୍ଘ ବର୍ଷ ଧରି ବେଆଇନ ଗୋ ଚାଲାଣ କାର୍ଯ୍ୟକଳାପରେ ଲିପ୍ତ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତି ବିଶେଷଙ୍କ ଘର ଉପରେ ଚଢ଼ାଉ କରାଯାଇଛି। ବେତନଟୀ ଏସ୍‌ଡିପିଓ ମିନତୀ ବିଶ୍ୱାଳଙ୍କ ନେତୃତ୍ୱରେ ବେତନଟୀ, ମୋରଡା, ରାସଗୋବିନ୍ଦପୁର, ବଡସାହି ଏବଂ ବୈଶିଙ୍ଗା ଥାନା ଟିମ ମଙ୍ଗଳବାର ସକାଳୁ ଗୋମାଫିଆଙ୍କ ଘରେ ଚଢ଼ାଉ କରିଥିଲେ। ଏଥି ସହିତ ବୈଶିଙ୍ଗା ଥାନାର ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ। ମାଜିଷ୍ଟ୍ରେଟ ଭାବେ ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା, ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା, ପି କେ ହିତାଂଶୁ ଜେନା, ବଡ଼ସାହି ଅତିରିକ୍ତ ତହସିଲଦାର ବିନୀତାରାଣୀ କିସ୍କୁ ଏହି ଚଢ଼ାଉରେ ସାମିଲ ଥିଲେ। ଚଢ଼ାଉ ସମୟରେ ଗୋଟିଏ ସ୍କର୍ପିଓ ଗାଡ଼ି, ୪ଟି ବାଇକ, ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସୁନାରୁପା ଅଳଙ୍କାର, ନଗଦ ୫୦ ହଜାର ଟଙ୍କା ସମେତ ତେଲେଙ୍ଗା କଟୁରି, ଖଣ୍ଡା ଆଦି ଜବତ କରାଯାଇଛି। ସେହିପରି ରାଇରଙ୍ଗପୁର ପୋଲିସ ସର୍କଲ ଅଧୀନ ବାଦାମପାହାଡ଼ ଥାନା ଅନ୍ତର୍ଗତ ସାତପୋଉଟିଆ ଏବଂ ଦେଓଗାଁର ଗୋରୁ ମାଫିଆଙ୍କ ଘରେ ପୋଲିସ ଚଢ଼ାଉ କରିଛି। ସାତପୋଉଟିଆର ଦିଲିଫାର ଗେମଙ୍କ ଘରୁରୁ ନଗଦ ୧ ଲକ୍ଷ ୪୬ ହଜାର ୭ ଶହ ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନା ଗହଣା, ଗୋଟିଏ ବାଇକ୍, ମାରୁତି କାର୍ ଏବଂ ସ୍କର୍ପିଓ ଗାଡି ଜବତ କରିଛି। ଦେଓଗାଁର ସେକ ମୋକସେଦ ଯାମଦଙ୍କ ଘରୁ ଗୋଟିଏ ବୁଲେଟ ଏବଂ ୨ଟି ଚାରି ଚକିଆ ଯାନ ସହ ୯ ଲକ୍ଷ ୩ ହଜାର ୬ ଶହ ଟଙ୍କା, ଲକ୍ଷାଧିକ ଟଙ୍କାର ସୁନା ଗହଣା ଜବତ କରାଯାଇଛି।

# ଚାଲାଣ ବେଳେ ୧୩ ଗୋରୁ ଉଦ୍ଧାର

ମୋରଡ଼ା,୭।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ଥାନା ଅଞ୍ଚଳରେ ବେଆଇନ ଭାବେ ଗୋ ଚାଲାଣ ବୃଦ୍ଧି ପାଉଛି। ସୂଚନା ଅନୁଯାୟୀ, ମଙ୍ଗଳବାର ଉକ୍ତ ଥାନା ଅଞ୍ଚଳରେ ବେଆଇନ ଭାବେ ୧୩ଟି ଗୋରୁକୁ ବେପାରୀ ମାନେ ଚଲାଇ ଚଲାଇ ପଡୋଶୀ ପଶ୍ଚିମବଙ୍ଗକୁ ଚାଲାଣ କରୁଥିବା ସମୟରେ ଖବରପାଇ ଚିତ୍ରଡା ଫାଣ୍ଡି ଅଧିକାରୀ ଭୀମସେନ ମଲିକ ଏବଂ ପୋଲିସ କର୍ମଚାରୀ ସକାଳ ୭ଟା ୩୦ ମିନିଟ ସମୟରେ ଉକ୍ତ ଥାନା ଅଧୀନ ହରେକୃଷ୍ଣପୁର ନିକଟରେ ଚଢ଼ାଉ କରି ଗୋରୁଗୁଡ଼ିକୁ ଜବତ କରିଛନ୍ତି। ତେବେ ଘଟଣାସ୍ଥଳରୁ ବେପାରୀମାନେ ଫେରାର ହୋଇଯାଇଥିବା ସୂଚନା ମିଳିଛି।

# ପ୍ରବେଶ ଉତ୍ସବ, ଖଡ଼ିଛୁଆଁ କାର୍ଯ୍ୟକ୍ରମ ବାଟବଣା

ମୋରଡ଼ା,୭।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ବ୍ଲକରେ ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ବାଟବଣା ହେଉଥିବା ପରିଲକ୍ଷିତ ହୋଇଛି। ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ସୂଚନା ଅନୁଯାୟୀ,ଶିକ୍ଷାକୁ ସୁଦୃଢ଼ କରିବା ନିମନ୍ତେ ସରକାର ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡି ଛୁଆଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ତେବେ ମୋରଡା ବ୍ଲକରେ ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଗୁଡିକରେ ତ୍ୱରାନ୍ୱିତ କରାଯାଉ ନ ଥିବା ପରିଲକ୍ଷିତ ହୋଇଛି। ବ୍ଲକର ଅଧିକାଂଶ ବିଦ୍ୟାଳୟରେ ଉକ୍ତ ସଚେତନତା ବ୍ୟାନର ମରାଯାଇ ନ ଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ସବୁଠୁ ବଡ଼ କଥା ହେଲା ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପାଇଁ ସର୍ବପ୍ରଥମେ ପିଏମଶ୍ରୀ ବିଦ୍ୟାଳୟକୁ ଚୟନ କରିବାକୁ ନିୟମ ଥିବା ବେଳେ ବ୍ଲକର ଗଡିଗାଁ ପିଏମଶ୍ରୀ ବିଦ୍ୟାଳୟରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ବଦଳରେ ହଳଦୀପାଳ ସରକାରୀ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ସେହିପରି କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ନିମନ୍ତେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଠିକ ସମୟରେ ଖବର ଦିଆଯାଇନାହିଁ। ଫଳ ସ୍ୱରୂପ ଲୋକଙ୍କ ପାଖରେ ଉକ୍ତ କାର୍ଯ୍ୟକ୍ରମ ପହଞ୍ଚି ପାରିଲା ନାହିଁ। ଏବାବଦରେ ବିଇଓ ଦାୟିତ୍ୱରେ ଥିବା ପୁଥୁନାଥ ବାସ୍କେଙ୍କୁ ପଚାରିବାରୁ ଯେଉଁ ବିଦ୍ୟାଳୟରେ କାର୍ଯ୍ୟକ୍ରମର ବ୍ୟତିକ୍ରମ ହୋଇଛି ଉକ୍ତ ବିଦ୍ୟାଳୟଗୁଡିକୁ ତାଗିଦ କରାଯିବ ଏବଂ ପଦକ୍ଷେପ ମଧ୍ୟ ନିଆଯିବ ବୋଲି ସେ କହିଛନ୍ତି।

# କୁଆପଥର ମାଡ଼ରେ ବ୍ୟାପକ କ୍ଷତି

ଠାକୁରମୁଣ୍ଡା,୭।୪(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ ମଙ୍ଗଳବାର ଘୂର୍ଣ୍ଣିଝଡ଼ ଓ କୁଆପଥର ମାଡ଼ରେ ବ୍ୟାପକ କ୍ଷତି ଘଟିଛି। ଏହି ବ୍ଲକ୍ ଅଧୀନ ଜରକ ଗ୍ରାମର ବାଫାଲ ସାହି, ଖୁଦିଶିଳା,ମହୁଲଡ଼ିହା ଗ୍ରାମପଞ୍ଚାୟତ ଜମୁନାଳିଆ ଗ୍ରାମରେ ବ୍ୟାପକ କ୍ଷତି ହୋଇଛି। ଜରକ ଗ୍ରାମପଞ୍ଚାୟତ ଘଣ୍ଟିଆଦର ଗ୍ରାମ,ତରାମରା ଗ୍ରାମପଞ୍ଚାୟତର ପୋତରତୋଳା ସାହି, ମହୁଲଡ଼ିହା ଗ୍ରାମପଞ୍ଚାୟତ ମହୁଲଡ଼ିହା, ସାତକୋଶିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାତକୋଶିଆ ଓ ଖୁମଠାଣ ଗ୍ରାମ, ଭରାଣ୍ଡିହା ଗ୍ରାମପଞ୍ଚାୟତର ବାଉଁଶଡ଼ିହା,ଗମ୍ଭାରୀଆ, ଭରାଣ୍ଡିହା ଆଦି ଗ୍ରାମରେ କୁଆ ପଥର ମାଡରେ ପରିବା ଓ ତରଭୁଜ ଚାଷ କ୍ଷତି ହୋଇଥିବା ସୂଚନା ମିଳିଛି। କ୍ଷତିଗ୍ରସ୍ତ ଗ୍ରାମଗୁଡ଼ିକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ଠାକୁରମୁଣ୍ଡା ତହସିଲଦାର, ବିଡିଓ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ବନ ଓ ଅଗ୍ନିଶମ ବିଭାଗ ପହଞ୍ଚି ରାସ୍ତାରେ ପଡିଥିବା ଗଛ ଗୁଡିକୁ କାଟି ରାସ୍ତା ସଫା କରିଛନ୍ତି। ଅପରାହ୍ନ ପ୍ରାୟ ୩ଘଟିକା ସମୟରେ ଘୂର୍ଣ୍ଣିଝଡ଼ ସହ କୁଆପଥର ବର୍ଷା ହୋଇଥିଲା। କୁଆ ପଥର ମାଡରେ ଜମୁନାଳିଆ ଗ୍ରାମର ଅନେକଙ୍କ ଆଜବେଷ୍ଟ ଛପର ଘର କଣା ହୋଇଯିବା ସହ ପନିପରିବା ଚାଷ ବ୍ୟାପକ ଭାବରେ କ୍ଷତିଗ୍ରସ୍ତ ହୋଇଛି।

ସେହିପରି ଜରକ ଗ୍ରାମ ବାଫାଲ ସାହିରେ ପବନ ସହ କୁଆପଥର ମାଡରେ ଇନ୍ଦ୍ରମଣି ଦେଓଗାମ, ଅନନ୍ତ ସିଦ୍ଧୁ, ସାଇରାମ ପୂର୍ତ୍ତି, ରାଜେଶ ବଦ୍ରା, ସଞ୍ଜୀବ ପୂର୍ତ୍ତି,ବିରସିଂ ସମାଡ଼ଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ଜରକ ଗ୍ରାମର ହରିହର ସାୟା, ଲକ୍ଷ୍ମୀଧର ସାୟା, କାଉଁରୀ ସାୟା, ବିକ୍ରମ ହେମ୍ବ୍ରମ, ଜଙ୍ଗା ସାୟା, କାଇରୀ ସାୟା, ମନୋଜ ସାୟା, ଜଗା ସାୟାଙ୍କ ଘର ମଧ୍ୟ ଭାଙ୍ଗିଛି। ଜରକଠାରେ ଥିବା ଲ୍ୟାମ୍ପ ଗୃହ, ଘଣ୍ଟିଆଦର ଗ୍ରାମ ପ୍ରାଥମିକ ବିଦ୍ୟାଳୟର ଛପର ଉଡ଼ି ଯାଇଛି। ବ୍ୟାପକ ପରିବା ଫସଲ ନଷ୍ଟ ହୋଇଥିବା ଖବର ମିଳିଛି।


ଘୂର୍ଣ୍ଣିଝଡ଼ ପ୍ରଭାବରେ ଭାଙ୍ଗି ଯାଇଥିବା ଘର।

# ମା' ମଙ୍ଗଳାଙ୍କ ବାର୍ଷିକ ପୂଜା

ଗୋପବନ୍ଧୁ ନଗର, ୭।୪(ଶାନ୍ତନୁ କୁମାର ମହୁଆଳ)

ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ ଚିଲିମା ଗ୍ରାମର ଅଧିଷ୍ଠାତ୍ରୀ ମା' ମଙ୍ଗଳାଙ୍କ ପୀଠରେ ବାର୍ଷିକ ଉତ୍ସବ ଓ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୫ ବର୍ଷ ଧରି ଚୈତ୍ର ମାସ ଶେଷ ମଙ୍ଗଳବାରରେ ମା'ଙ୍କ ବାର୍ଷିକ ଉତ୍ସବ, ବଡ଼ ପୂଜା ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ। ପୂର୍ବାହ୍ନରେ ମ'ଙ୍କ ନୀତିକାନ୍ତି ପରେ ଚଣ୍ଡୀ ପାଠ ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିସରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବହୁ ଉପାସକ ଓ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଆଶୀର୍ବାଦ ନେଇଥିଲେ। ମଧ୍ୟାହ୍ନରେ ନାହିଁ ନ ଥିବା ଭିଡ ପରିଲକ୍ଷିତ ହୋଇଥିଲା। ମନ୍ଦିର ପୂଜକ ରାଜେଶ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ମୋଟ ୧୨ ଜଣ ବ୍ରାହ୍ମଣ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ପ୍ରଶାନ୍ତ କୁମାର ମିଶ୍ର ଚଣ୍ଡୀପାଠ କାର୍ଯ୍ୟ କରିଥିବା ବେଳେ ଗ୍ରାମବାସୀ କାର୍ଯ୍ୟରେ ସହଯୋଗ କରିଥିଲେ।

# ୯ରେ ବାରିପଦା ବହିହାଟ

ବାରିପଦା,୭।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଆ ପକ୍ଷ ପାଳନ ଅବସରରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ ଅନୁଯାୟୀ ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦ ଦ୍ୱାରା ଆସନ୍ତା ୯ ତାରିଖ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା୩୦ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ କେନ୍ଦ୍ରୀୟ ପାଠାଗାର ସମ୍ମୁଖ ଆମ୍ରବନ ଛାୟାରେ ଏକ ବହିହାଟ ହେବ। ଏଥିରେ ମୟୂରଭଞ୍ଜ ତଥା ବହିରାଗତ ଲେଖକ ଓ ବହି ବିକ୍ରେତାମାନେ ସେମାନଙ୍କର ପୁସ୍ତକମାନ ଧରି ବିଶ୍ୱବିଦ୍ୟାଳୟ ତରଫରୁ ଯୋଗାଇ ଦିଆଯାଇଥିବା ଷ୍ଟଲରେ ବହି ବିକ୍ରି କରିପାରିବେ ବୋଲି ବିଶ୍ୱବିଦ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଏହି ଅବସରରେ ଏକ କବିତା ପାଠୋତ୍ସବ ମଧ୍ୟ ଆୟୋଜନ କରାଯିବ।

## ତହସିଲଦାରଙ୍କ କାର୍ଯ୍ୟାଳୟ, ବାରିପଦା (ମୟୂରଭଞ୍ଜ)

ବିଜ୍ଞାପନ ସଂଖ୍ୟା: ୨୨୬୦, ତା.04.04.2026

**ବିଜ୍ଞାପନ**

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମୌଜା: Unit No.02, Ambikasahi ଖାତା ନଂ. 33, ଥାନା ନଂ.88 ତହସିଲ–ବାରିପଦା, ଜିଲ୍ଲା–ମୟୂରଭଞ୍ଜ ଜମିଜମା ସଂଶୋଧନ ନିମନ୍ତେ ଦାଖଲ ଖାରଜ ସଂଖ୍ୟା:4362/2025ର ଶୁଣାଣି ତା.17.04.2026 ରିଖ ସମୟ 10.00 AM କୁ ଧାର୍ଯ୍ୟ କରାଯାଇଅଛି । ନିମ୍ନ ତଫସିଲଭୁକ୍ତ ପ୍ରସ୍ତାବିତ ଜମିଜମା ସଂଶୋଧନରେ ଆପଣଙ୍କର କୌଣସି ଆପତ୍ତି ଥିଲେ ତା.17.04.2026 ରିଖ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ଇଜିଲାସରେ ଅଭିଯୋଗ ଦାଖଲ କରିବେ । ଏହି ଅଭିଯୋଗ ମୋକଦ୍ଦମାର ଫଏସଲା ସମୟରେ ବିଚାର କରାଯିବ । ଧାର୍ଯ୍ୟ ସମୟ ପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ।

**ପ୍ରସ୍ତାବିତ ଜମି ସଂଶୋଧନ ତଫସିଲ**

ମୌଜା:ୟୁନିଟ ନଂ.2 ଅମ୍ବିକାସାହି — ଖାତା ନଂ.33

| ରେକର୍ଡଭୁକ୍ତ ପ୍ରଜା | ପ୍ରସ୍ତାବିତ ପ୍ରଜା | ପ୍ଲଟ ନଂ. | କିସମ | ପୂରା ରକବା (ଏକର) | ପୂରା ରକବା (ହେକ୍ଟର) | ହସ୍ତାନ୍ତର ରକବା (ଏକର) | ହସ୍ତାନ୍ତର ରକବା (ହେକ୍ଟର) |
|---|---|---|---|---|---|---|---|
| ପ୍ରଦୀପ ଚନ୍ଦ୍ର ଭଞ୍ଜଦେଓ, ପି:ପ୍ରତାପ ଚନ୍ଦ୍ର ଭଞ୍ଜଦେଓ, ଜା:କ୍ଷତ୍ରୀୟ, ବା:ନିଜଗାଁ | ଶ୍ରୀ/ଶ୍ରୀମତୀ ରାଜକିଶୋର ସାହୁ, ପି:ଭାସ୍କର ଚନ୍ଦ୍ର ସାହୁ ବା:ବାଘଡାରୋଡ, ୱାର୍ଡ ନଂ.19 | 274 | ଘରବାରି ଦୁଇ | 0.7050 | 0.2853 | 0.0225 | 0.0091 |
| | | 315 | | 0.0860 | 0.0348 | 0.0500 | 0.0202 |
| | | 316 | | 0.0270 | 0.0109 | 0.0250 | 0.0101 |

ସ୍ୱା./–ତହସିଲଦାର, ବାରିପଦା (ମୟୂରଭଞ୍ଜ)

# ଜଳେଶ୍ୱରରେ ରାଜ୍ୟ ଖଣି ନିର୍ଦ୍ଦେଶକ

## ୧୦୦ କୋଟିର ବାଲି ଦୁର୍ନୀତି

ଜଳେଶ୍ୱର, ୭।୪(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲ ଅଧୀନ ସୁବର୍ଣ୍ଣରେଖା ନଦୀପଠାରୁ ବେଆଇନ ବାଲି ଲୁଟ୍ ଘଟଣାରେ ଖଣି ବିଭାଗରେ ତତ୍ପରତା ପ୍ରକାଶ ପାଇଛି। ମହମ୍ମଦନଗରପାଟଣା ଓ ବେଲପାଳ ଗ୍ରାମରେ ଚାଲିଥିବା ଏହି ଦୁର୍ନୀତିର ତଦନ୍ତ ପାଇଁ ମଙ୍ଗଳବାର ସ୍ୱୟଂ ରାଜ୍ୟ ଖଣି ନିର୍ଦ୍ଦେଶକ କାହ୍ନୁ ଚରଣ ଧୀର ଏବଂ ଯୁଗ୍ମ ନିର୍ଦ୍ଦେଶକ ସୁଶାନ୍ତ କୁମାର ପତି ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ପୂର୍ବରୁ ତତ୍କାଳୀନ ଜିଲା ଖଣି ଅଧିକାରୀ ସନ୍ତୋଷୀପ୍ରଭା ସେଠୀ ଏହି ବାଲି ଲୁଟ୍ ନେଇ ଜଳେଶ୍ୱର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ।


ଖଣି ନିର୍ଦ୍ଦେଶକଙ୍କ ଦ୍ୱାରା ତଦନ୍ତ କରାଯାଉଛି।

ଅଭିଯୋଗ ଅନୁଯାୟୀ, ବେଲପାଳ ଅଞ୍ଚଳର ଏହି ବେଆଇନ ଖାଦାନରୁ ପ୍ରାୟ ୧୦୦କୋଟିରୁ ଅଧିକ ଟଙ୍କାର ବାଲି ଲୁଟ୍ ହୋଇଛି। ସବୁଠାରୁ ସଙ୍ଗୀନ ଅଭିଯୋଗ ହେଉଛି ଯେ, ବାହାନଗା ଆରଆଇ ଓ ତାଙ୍କ ପରିବାର ଏହି ବେଆଇନ କାରବାରରେ ସିଧାସଳଖ ସମ୍ପୃକ୍ତ ଅଛନ୍ତି। ପୂର୍ବରୁ ଖଣି ବିଭାଗ ପକ୍ଷରୁ ବାଲି ଚୋରା ଚାଲାଣ ରୋକିବା ପାଇଁ ଜେସିବି ସାହାଯ୍ୟରେ ଖାଦାନକୁ ଯାଇଥିବା ମୁଖ୍ୟରାସ୍ତାକୁ ଖୋଳି ଦିଆଯାଇଥିଲା। ଏଥିସହ ରାଜସ୍ୱ ବିଭାଗ ପକ୍ଷରୁ ୧୪୪ ଧାରା ଜାରି କରାଯାଇ ଲାଲ୍ ପତାକା ଲଗାଯାଇଥିଲା। ମାତ୍ର ଅଭିଯୁକ୍ତ ଆରଆଇ ବାସ୍କେ ଆଇନକୁ ବେଖାତିର କରି ସେହିସବୁ କଟକଣାକୁ ଉପାଡ଼ି ଫିଙ୍ଗି ଦେଇଥିଲେ ଏବଂ ପୁନର୍ବାର ବାଲି ଉତ୍ତୋଳନ ଜାରି ରଖିଥିଲେ।

ଏହି ହାଇ-ପ୍ରୋଫାଇଲ୍ ତଦନ୍ତ ସମୟରେ ଖଣିନିର୍ଦ୍ଦେଶକଙ୍କ ସହ ଜିଲା ଖଣି ଅଧିକାରୀ ଜଗନ ବେହେରା, ଜୁନିଅର ଖଣି ଅଧିକାରୀ ତାପସ ବେହେରା, ସତ୍ୟଚିନ୍ମୟ ଜେନା ଏବଂ ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକ ଉପସ୍ଥିତ ଥିଲେ। ତଦନ୍ତକାରୀ ଦଳ ଘଟଣାସ୍ଥଳରେ ବେଆଇନ ଭାବେ ଗଚ୍ଛିତ ଥିବା ପ୍ରଚୁର ବାଲି ଦେଖିବାକୁ ପାଇଥିଲେ। ବେଆଇନ ଭାବେ ଗଚ୍ଛିତ ବାଲି, ଘଟଣାସ୍ଥଳରେ ଥିବା ଲୁହାଡଙ୍ଗା, ଡମ୍ପର, ଟ୍ରାକ୍ଟର ଏବଂ ଜେସିବିଗୁଡ଼ିକୁ ଜବତ କରିବା ପାଇଁ ଖଣି ନିର୍ଦ୍ଦେଶକ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

# ପୁଣି କୁଳପତି ଦାୟିତ୍ୱ ନେଲେ ସନ୍ତୋଷ କୁମାର ତ୍ରିପାଠୀ

ବାଲେଶ୍ୱର, ୭।୪(ବାଞ୍ଛାନିଧି ଦେ)

**ଫକୀରମୋହନ ବିଶ୍ୱବିଦ୍ୟାଳୟ**



ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ମଙ୍ଗଳବାର ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପୁଣି ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଫେସର ତ୍ରିପାଠୀଙ୍କୁ ଦ୍ୱିତୀୟ ଥର ପାଇଁ ଏହି ପଦବୀରେ ପୁନର୍ନିଯୁକ୍ତ କରାଯାଇଛି। ଯାହା ତାଙ୍କ ନେତୃତ୍ୱ ପ୍ରତି ଆସ୍ଥା ଓ ବିଶ୍ୱାସକୁ ପ୍ରତିଫଳିତ କରିଛି। କୁଳାଧିପତି ତଥା ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସୋମବାର କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ନବନିଯୁକ୍ତ କୁଳପତିଙ୍କ ନାମ ପ୍ରକାଶ କରିଥିଲେ। କୁଳପତି ପ୍ରଫେସର ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କର ଦୃଢ଼ ନେତୃତ୍ୱ, ସମୃଦ୍ଧ ଶିକ୍ଷାଗତ ଅନୁଭବ ଓ ପ୍ରଶାସନିକ କୁଶଳତା ବିଶ୍ୱବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା, ଗବେଷଣା ଓ ସାମଗ୍ରିକ ବିକାଶକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଅଧିକାରୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଅଣଶିକ୍ଷକ କର୍ମଚାରୀ, ଛାତ୍ରୀଛାତ୍ର ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଏଫ୍‌ଏମ୍‌ୟୁ କୁଳପତିଙ୍କୁ ସମ୍ବର୍ଦ୍ଧନା


କୁଳପତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଛାତ୍ରନେତାମାନେ।

ବାଲେଶ୍ୱର, ୭।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ରୂପେ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପୁଣି ଥରେ ଦାୟିତ୍ୱ ଗ୍ରହଣ କରିବା ପରେ ମଙ୍ଗଳବାର ବାଲେଶ୍ୱର ଛାତ୍ର ବିଜେଡି ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏଫଏମ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଛାତ୍ରନେତାମାନେ ବିଶ୍ୱବିଦ୍ୟାଳୟ ପରିସରରେ ପହଞ୍ଚି ପ୍ରଫେସର ତ୍ରିପାଠୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ପ୍ରଫେସର ତ୍ରିପାଠୀ ବିଶ୍ୱବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ଥିବା ପ୍ରକାଶ କରିଥିଲେ। ଶୁଭେଚ୍ଛା ଜଣାଇବା ବେଳେ ଛାତ୍ରନେତାଙ୍କ ମଧ୍ୟରେ ଶିବ ଶଙ୍କର ପରିଡ଼ା, ଅମିତ ସ୍ୱାଇଁ, ମିଳନ କୁମାର ଦଳେଇ, ତାପସ କୁମାର ଜେନା, ଆକାଶ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ।

## ସଂକ୍ଷେପରେ

### ପ୍ରଧାନ ଶିକ୍ଷକଙ୍କ ଆତ୍ମହତ୍ୟା

ବାଲିଆପାଳ, ୭।୪
(ଗୋପାଳ ଚନ୍ଦ୍ର ସାହୁ/ ରାଜଶ୍ରୀ ପାଣିଗ୍ରାହୀ)



ବାଲିଆପାଳ ବ୍ଲକ ଅଧୀନ ଡଗରା ଗଦାଧର ସ୍ମୃତି ଉଚ୍ଚ ବିଦ୍ୟାପୀଠରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଦେବତୋଷ କୁମାର ଦତ୍ତ ସୋମବାର ରାତିରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ବଡାଶ ପଞ୍ଚାୟତର ମାଣିକ ସିମୁଳିଆଠାରେ ନିଜ ଘର ବାଡ଼ିରେ ଥିବା ଗଛରେ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ଖୋଜାଖୋଜି କରିବା ପରେ ଝୁଲନ୍ତା ଅବସ୍ଥାରେ ମୃତଦେହକୁ ଉଦ୍ଧାର କରିଥିଲେ। ସଙ୍ଗେ ସଙ୍ଗେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ବାଲିଆପାଳ ଥାନା ପୋଲିସ ମଙ୍ଗଳବାର ଏକ ଅପମୃତ୍ୟୁ ମାମଲା (ନଂ. ୭/୨୬) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ସହ ଅଧିକ ତଦନ୍ତ ଜାରି ରଖିଛି। ଏପ୍ରିଲ ୩୦ ତାରିଖରେ ପ୍ରଧାନ ଶିକ୍ଷକ ଦତ୍ତ ତାଙ୍କର ଚାକିରି ଜୀବନରୁ ଅବସର ଗ୍ରହଣ କରିଥାନ୍ତେ। କିଛି ଦିନ ଧରି ଡାଇବେଟିସ ରୋଗରେ ସେ ଆକ୍ରାନ୍ତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସଂଘ ସଭାପତି ବିଜୟ କୁମାର ପାତ୍ର, ସହକାରୀ ଶିକ୍ଷକ ଅରୁଣ କୁମାର ପାତ୍ର, ପ୍ରଶାନ୍ତ କରଣ, ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ତୀର୍ଥ କୁମାର ନାଗ, ଜୟନ୍ତ ଦତ୍ତ, ଭଜହରି ସେଠୀ ପ୍ରମୁଖ ଗଭୀର ଶୋକ ପ୍ରକଟ କରିଛନ୍ତି। ତେବେ ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ିନାହିଁ।

### ଭାଜପାର ପ୍ରତିଷ୍ଠା ଦିବସ

ବାଲିଆପାଳ, ୭।୪(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ମଣ୍ଡଳର ସଭାପତି ଅକ୍ଷୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ସୋମବାର ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ବାଲିଆପାଳ ମଣ୍ଡଳ ପକ୍ଷରୁ ଭାଜପାର ୪୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବସ୍ତା ନିର୍ବାଚନ ମଣ୍ଡଳୀୟ ଭାଜପା ନେତା ରବୀନ୍ଦ୍ର ନାଥ ଅଣ୍ଡିଆ, ଜିଲା ଉପସଭାପତି ଅରବିନ୍ଦ ବେହେରା, କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଅଜୟ କୁମାର ସାହୁ, ଭାଜପା ନେତା ଅଦୈତ୍ୟ ବାଗ, ପ୍ରଫୁଲ୍ଲ କୁମାର ସାହୁ, ସତ୍ୟ ମଣ୍ଡଳ, ବାଲିଆପାଳ ସରପଞ୍ଚଙ୍କ ପ୍ରତିନିଧି ହେମନ୍ତ ଦାସ, ମଧୁପୁରା ସରପଞ୍ଚଙ୍କ ପ୍ରତିନିଧି ଲମ୍ବୋଦର ମାହାନା, ବିଷ୍ଣୁପୁର ସରପଞ୍ଚ ମହେଶ୍ୱର ଜେନା, ଲକ୍ଷ୍ମୀଧର ପାତ୍ର ପ୍ରମୁଖ ଯୋଗଦେଇ ଭାଜପାର ପୂର୍ବ ଇତିହାସ ଓ ବିଚାରଧାରା ଉପରେ ବକ୍ତବ୍ୟ ଦେଇଥିଲେ।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିୟୋଗରେ ଶୋକ

ବାଲିଆପାଳ, ୭।୪(ଗୋପାଳ ଚନ୍ଦ୍ର ସାହୁ)

ବାଲିଆପାଳ ବ୍ଲକ ରତାଇ ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋଜ କୁମାର ପାଢ଼ୀଙ୍କ ସୋମବାର ତାଙ୍କ ବାସଭବନରେ ମୃତ୍ୟୁ ହୋଇଯାଇଛି। ସ୍ୱର୍ଗତ ପାଢ଼ୀ ଦୀର୍ଘ ଦିନ ଧରି ଅସୁସ୍ଥ ହୋଇ ଘରେ ଚିକିତ୍ସାଧୀନ ଥିଲେ। ଗତ ବର୍ଷ ଜାନୁଆରୀରେ ଶିକ୍ଷକତାରୁ ଅବସର ନେଇଥିଲେ। ସେ ଜଣେ ଭଲ ଆୟୁର୍ବେଦ ଚିକିତ୍ସକ ଥିଲେ। ଜୀବନ କାଳ ମଧ୍ୟରେ ହଜାର ହଜାର ରୋଗୀଙ୍କୁ ଭଲ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ପୁଅ, ଝିଅଙ୍କ ସହିତ ସାନ ଭାଇ ତଥା ରତାଇର ପୂର୍ବତନ ସରପଞ୍ଚ ସରୋଜ ପାଢ଼ୀ ଉପସ୍ଥିତ ଥିଲେ।

# ଶ୍ରୀରାମଙ୍କ ମୂର୍ତ୍ତିକୁ ଭାଙ୍ଗି ଗଡ଼ ଗଡ଼ କରିଦେଲେ

ଖଇରା, ୭।୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ମାଣତ୍ରୀ ପଞ୍ଚାୟତ ଅଧିନ ପ୍ରସିଦ୍ଧ ଜଳଙ୍ଗ ଚଣ୍ଡୀ ମନ୍ଦିରରେ ପାର୍ଶ୍ୱ ଦେବତା ଭାବେ ପୂଜା ପାଉଥିବା ପ୍ରଭୁ ଶ୍ରୀରାମଙ୍କ ମୂର୍ତ୍ତୀକୁ ରବିବାର ରାତିରେ ଦୁର୍ବୃତ୍ତମାନେ ଭାଙ୍ଗି ଗଡ଼ ଗଡ଼ କରିଦେଇଥିବା ଟ୍ରଷ୍ଟ ପକ୍ଷରୁ ଖଇରା ତହସିଲଦାର ଓ ଦେବୋତ୍ତର ବିଭାଗ କମିଶନରଙ୍କ ନିକଟରେ ଅଭିଯୋଗ କରାଯାଇଛି। ସୋମବାର ସକାଳେ ପୂଜକ ମନ୍ଦିରକୁ ଆସିବା ପରେ ମୂର୍ତ୍ତିଭଙ୍ଗା ଯାଇଥିବା ଦେଖି ଟ୍ରଷ୍ଟର କର୍ମକର୍ତ୍ତାଙ୍କୁ ଖବର ଦେଇଥିଲେ। ପରେ ଟ୍ରଷ୍ଟ ଅଧକ୍ଷ ପ୍ରଫୁଲ୍ଲ ଦାସଙ୍କ ପୌରୋହିତ୍ୟରେ ଏକ ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଦୁର୍ବୃତ୍ତ ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତଥା ନୂତନ ମୂର୍ତ୍ତୀ ସ୍ଥାପନା ପାଇଁ ଦେବୋତ୍ତର ବିଭାଗ ଓ ଖଇରା ତହସିଲଦାରଙ୍କୁ ଅବଗତ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।


ମନ୍ଦିର ପୂଜକ ଭଗ୍ନ ରାମମୂର୍ତ୍ତି ଦେଖାଉଛନ୍ତି।

# ସରିଛି ଅବଧି: ଧାନବିକ୍ରିରୁ ବଞ୍ଚିତ ୮୧୫ ପଞ୍ଜୀକୃତ ଚାଷୀ

ନୀଳଗିରି, ୭।୪(ପ୍ରଶାନ୍ତ ବିଶ୍ୱାଳ)

ରାଜ୍ୟ ସରକାର ମାର୍ଚ୍ଚ ୩୧ତାରିଖ ଖରିଫ ଋତୁରେ ଅମଳ ହୋଇଥିବା ଧାନ ବିକ୍ରି ପାଇଁ ଶେଷ ଅବଧି ରଖିଥିଲେ। ଇତିମଧ୍ୟରେ ଅବଧି ଶେଷ ହୋଇସାରିଥିଲେ ମଧ୍ୟ ନୀଳଗିରି ଲ୍ୟାମ୍ପସ ଅଧୀନରେ ଥିବା ୯ଟି ଧାନମଣ୍ଡିରେ ୮୧୫ଜଣ ପଞ୍ଜୀକୃତ ଚାଷୀ ସେମାନଙ୍କର କଷ୍ଟ ଅର୍ଜିତ ଧାନକୁ ସରକାରୀ ଦରରେ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ଧାନ କେବେ ଉଠିବ ସେନେଇ ଆଶା ଆଶଙ୍କାରେ ଚାଷୀ। ଏନେଇ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଏକ ତଥ୍ୟ ସମ୍ବଳିତ ରିପୋର୍ଟ ସ୍ଥାନୀୟ ଉପଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

ଉକ୍ତ ସମବାୟ ସମିତି ଅଧୀନରେ ଥିବା ଧାନକ୍ରୟ କେନ୍ଦ୍ର ପୁନ୍ଦାଳରେ ୧୦ଜଣ ଚାଷୀଙ୍କର ୩୩୫. ୨୯କୁଇଣ୍ଟାଲ, କାଂଶ ଅଧୀନରେ ୧୭ଜଣ ଚାଷୀଙ୍କ ୭୩୧.୮୯ କୁଇଣ୍ଟାଲ, ମିତ୍ରପୁରରେ ୩୨୨ଜଣଙ୍କର ୧୦.୦୩୦ କୁଇଣ୍ଟାଲ, ଅଯୋଧ୍ୟା ଅନ୍ତର୍ଗତ ୫୧ଜଣ ଚାଷୀଙ୍କ ୧୬୪୭.୮୯କୁଇଣ୍ଟାଲ, ଅମ୍ବିକାପୁର ଅଧୀନରେ ୬୯ଜଣ ଚାଷୀଙ୍କ ୧୯୬୨.୭୮କୁଇଣ୍ଟାଲ, ସିଆଡିମାଳରେ ୬୪ଜଣ ଚାଷୀଙ୍କ ୧୯୧୮.୩୮କୁଇଣ୍ଟାଲ, ସଜନାଗଡ ଅଧୀନରେ ୨୨୯ଜଣ ଚାଷୀଙ୍କର ୬୫୯୬.୬୧ କୁଇଣ୍ଟାଲ, ମହିଷାପଟା ଅଧୀନ ୧୪ଚାଷୀଙ୍କ ୫୧୭.୦୭କୁଇଣ୍ଟାଲ ଏବଂ ଭଉଁରିଆବାଡ ଅନ୍ତର୍ଗତ ୩୯ଜଣ ଚାଷୀଙ୍କର ୧୫୮୦କୁଇଣ୍ଟାଲ ପାଖାପାଖି ୨୫୩୨ଟନ୍ ଧାନ ମହଜୁଦ ରହିଥିବା ସୂଚନା ଦେଇଛନ୍ତି। ତେବେ ମିଲର ଏବଂ ପରିବହନ ସଂସ୍ଥା ପାଇଁ ଏଭଳି ସମସ୍ୟା ଉପୁଜୁଥିବା ବିଭାଗୀୟ ଅଧିକାରୀ ସୂଚନା ଦେଉଥିବା ବେଳେ ପ୍ରଶାସନ ପକ୍ଷରୁ ଉଭୟ ସଂସ୍ଥାରେ ସମନ୍ୱୟ ରକ୍ଷା କରି ପଦକ୍ଷେପ ନେବାକୁ ଉପଜିଲାପାଳଙ୍କଠାରେ ଦାବି କରିଛନ୍ତି। ମହଜୁଦ ରହିଥିବା ଧାନ କେବେ ଉଠିବ ଏବଂ କେବେ ଚାଷୀମାନଙ୍କର ଆଶଙ୍କା ଦୂର ହେବ, ତାହାକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ପଦକ୍ଷେପ ନେବାକୁ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଚିଠିରେ ଉଲ୍ଲେଖ କରିଛନ୍ତି। ଏହାର ନକଲ ମଧ୍ୟ ବାଲେଶ୍ୱର ଜିଲାପାଳ, ଚିଫ୍ ସିସିଓ, ଡିଆରସିଏସ ବାଲେଶ୍ୱରଙ୍କ ଅବଗତ ନିମନ୍ତେ ଜଣାଇଥିବା ସୂଚନା ରହିଛି।

# ବାଲିଆପାଳ ପ୍ରାଥମିକ ବିଦ୍ୟାଳୟରେ ବର୍ଣ୍ଣବୋଧ ବଣ୍ଟନ

ବାଲିଆପାଳ, ୭।୪(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ ଠାରୁ ଓଡ଼ିଆ ପକ୍ଷ ପାଳନ ହୋଇଆସୁଛି। ଏହି ଅବସରରେ ମଙ୍ଗଳବାର ବାଲିଆପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାଲିଆପାଳ ବ୍ଲକ ପ୍ରଶାସନ ଓ ବାଲିଆପାଳ ଗୋଷ୍ଠୀ ଶିକ୍ଷା ବିଭାଗର ମିଳିତ ସହଯୋଗରେ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବାଲିଆପାଳ ବିଡିଓ ରାଧାରଞ୍ଜନ ଦାସ ଯୋଗଦେଇ ଓଡ଼ିଆ ଭାଷାର ଶୁଦ୍ଧ ଉଚ୍ଚାରଣ ପାଇଁ ବର୍ଣ୍ଣବୋଧ ପଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଛାତ୍ରୀଛାତ୍ରମାନଙ୍କ ବର୍ଣ୍ଣବୋଧ ପଠନ ପ୍ରତି ଶିକ୍ଷୟିତ୍ରୀ ଶିକ୍ଷକ ଧ୍ୟାନ ଦେବା ଦରକାର ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା, ଏବିଇଓ ନମିତାପ୍ରଭା ସାମଲ, ଜିପିଡିଓ ପ୍ରିୟବ୍ରତ ଗିରି, ବାଲିଆପାଳ ପଞ୍ଚାୟତ ସରପଞ୍ଚ ବନଲତା ଦସ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାଳାବତୀ ପ୍ରଧାନ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ବର୍ଣ୍ଣବୋଧ ବଣ୍ଟନ କରିବା ସହିତ ବକ୍ତବ୍ୟ ରଖିଥିଲେ।

# ୧୯୯୪ ବ୍ୟାଚ୍ ବନ୍ଧୁ ମିଳନ, ଗୁରୁପୂଜନ

ବାହାନଗା, ୭।୪(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଅଞ୍ଜି ପଞ୍ଚାୟତ ଅନନ୍ତ ପ୍ରସାଦ ଉଚ୍ଚ ବିଦ୍ୟାଳୟର ୧୯୯୪ମସିହା ଛାତ୍ରୀଛାତ୍ରଙ୍କ ବ୍ୟାଚର ବନ୍ଧୁମିଳନ ଓ ଗୁରୁପୂଜନ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପୁରାତନ ୮ଜଣ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ଏନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସୁରେନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ତେବେ ଜୟନ୍ତ ନାୟକ ମଞ୍ଚ ପରିଚାଳନା କରିଥିଲେ। ଅତିଥି ଭାବେ ୧୯୯୪ ବ୍ୟାଚର ଶିକ୍ଷୟିତ୍ରୀ ହରପ୍ରିୟା ନାୟକ,ବ୍ରଜେଶ୍ୱର ପଣ୍ଡା,ରବୀନ୍ଦ୍ର କୁମାର ପାତ୍ର, ଗୌରହାରୀ ଦାଶ, ପ୍ରଭାସ ରଞ୍ଜନ ନାୟକ, ମୁକ୍ତିକାନ୍ତ ସ୍ୱାଇଁ, ଗୌରାଙ୍ଗ ନାୟକ, କପିଳେନ୍ଦ୍ର ପଡିଆରୀ, ହଳଧର ବଳ ପ୍ରମୁଖ ଶିକ୍ଷକମାନେ ଅତିଥି ଭାବେ ଯୋଗଦେଇଥିଲେ। ସେହି ବ୍ୟାଚର ସମସ୍ତ ଶିକ୍ଷକଙ୍କୁ ପୂଜା କରିବା ସହିତ ନୂତନ ବସ୍ତ୍ର ପ୍ରଦାନ କରିଥିଲେ। ପୁରାତନ ଛାତ୍ର ବସନ୍ତ ପାଳ ଧନ୍ୟବାଦ ଦେଇଥିଲେ।

# ଓଡ଼ିଆ ପକ୍ଷର 'ଶିଶୁ କଥା ଦିବସ'

## ବର୍ଣ୍ଣବୋଧ, ଶିଶୁଲେଖା, ଭାଗବତ ପୁସ୍ତକ ବଣ୍ଟନ


ଭାଗବତ ପୁସ୍ତକ ସହ ବରିଷ୍ଠ ନାଗରିକ।

ବାଲେଶ୍ୱର, ୭।୪(ବାଞ୍ଛାନିଧି ଦେ)

ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ବାଲେଶ୍ୱର ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ପାଳିତ ଓଡ଼ିଆ ପକ୍ଷ-୨୦୨୬ର ମଙ୍ଗଳବାର ଥିଲା ୭ମ ଦିନ। ଏହି ଅବସରରେ ସହଦେବଖୁଣ୍ଟାସ୍ଥିତ ଫିରିଙ୍ଗୀପାଟଣା ସରକାରୀ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ 'ଶିଶୁ କଥା ଦିବସ'' ପାଳନ ହୋଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଡ. ବସନ୍ତ କୁମାର ନାୟକ, ସଦର ବିଇଓ ଯଜ୍ଞେଶ୍ୱର ଜେନା ଯୋଗଦେଇ ଓଡ଼ିଆ ଭାଷାର ମହତ୍ତ୍ୱ ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ବର୍ଣ୍ଣବୋଧ ଓ ଶିଶୁଲେଖା ବଣ୍ଟନ କରାଯାଇଥିଲା। ଜିଲା ସଂସ୍କୃତି ବିଭାଗ ପକ୍ଷରୁ ସାମାଜିକ ସୁରକ୍ଷା ବିଭାଗ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ ଯୋଗଦେଇ ପ୍ରୟାସ ବୃଦ୍ଧାଶ୍ରମ, ସାହାରା ବୃଦ୍ଧାଶ୍ରମ, କପିଳ ମୁନୀ ବୃଦ୍ଧାଶ୍ରମ, ଅମୃତଧାରା ବୃଦ୍ଧାଶ୍ରମ ଓ ବରିଷ୍ଠ ନାଗରିକମାନଙ୍କୁ ଭାଗବତ ପୁସ୍ତକ ବଣ୍ଟନ କରିଥିଲେ। ଦୈନିକ ଭାଗବତ ପଠନ ସହ ଆଧାତ୍ମିକ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସମ୍ପୃକ୍ତ ଅନୁଷ୍ଠାନ ସଭାପତି, ସମ୍ପାଦକ ଓ ଅନ୍ତେବାସୀ ଭାଗବତ ପୁସ୍ତକ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା ଓ ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ଉପସ୍ଥିତ ଥିଲେ। ସେହିପରି ଜିଲାର ଅନ୍ୟାନ୍ୟ ପ୍ରାଥମିକ ବିଦ୍ୟାଳୟରେ ଶିଶୁ କଥା ଦିବସ ପାଳିତ ହୋଇଥିଲା। ସରକାରୀ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବର୍ଣ୍ଣବୋଧ ଓ ଶିଶୁଲେଖା ପୁସ୍ତକ ବଣ୍ଟନ କରିଥିଲେ।

# ଅଦିନିଆ ବର୍ଷା: ଚାଷୀକୁଳ ଚିନ୍ତିତ

ଭୋଗରାଇ, ୭।୪(ପ୍ରଦୀପ ଦାସ)

ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ୪ ଦିନ ଧରି ଅପରାହ୍ନରୁ ରାତି ପର୍ଯ୍ୟନ୍ତ ମଧ୍ୟମଧରଣର ବର୍ଷା ଲାଗି ରହିଛି। ଏଥିସହିତ ବିଜୁଳିର ଚମକ ଓ ପ୍ରଚଣ୍ଡ ଘଡଘଡି ଶବ୍ଦରେ କ୍ଷେତବାଡ଼ିରେ କାର୍ଯ୍ୟରତ ଚାଷୀ ଭୟରେ ଘରମୁହାଁ ହେଉଛନ୍ତି। ରବି ଧାନଚାଷରେ କେତେକ ଥୋଡ଼ ବାହାରିଥିବା ବେଳେ କୁଆପଥର ମାଡ଼ ଆଶଙ୍କାରେ ଚାଷୀ ଚିନ୍ତିତ ହୋଇଛନ୍ତି। ଉଚ୍ଚ ଧାନ ବିଲରେ ପାଣି ଆବଶ୍ୟକ ଥିବା ବେଳେ ଗଭୀର ଚାଷ ଜମିରେ ବର୍ଷାପାଣି ଜମି ରହି ଚାଷୀକୁଳ ଚିନ୍ତା ବଢାଇଛି । ବର୍ଷା ତାପମାତ୍ରାକୁ ନିମ୍ନଗାମୀ କରିଥିବାରୁ ଲୋକେ ଆଶ୍ୱସ୍ତି ଅନୁଭବ କରିଛନ୍ତି।

# ବୃକ୍ଷରୋପଣ, ସାଧାରଣ ଜ୍ଞାନ ପ୍ରତିଯୋଗିତା


ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ଛାତ୍ର ଓ ଶିକ୍ଷୟିତ୍ରୀ।

ବାଲେଶ୍ୱର, ୭।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ଜିଲା ଦହପଡାସ୍ଥିତ ବିଦ୍ୟାଧର ଉପ୍ରା ବିଦ୍ୟାଳୟରେ ଏସଆରବି ସ୍ୱସ୍ତିକ ପୋଦ୍ଦାର୍ଟ ଫାଉଣ୍ଡେଶନ ପକ୍ଷରୁ ମଙ୍ଗଳବାର ବୃକ୍ଷରୋପଣ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଭ୍ରାନ୍ତି ମହାପାତ୍ରଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ସଙ୍ଗଠନର ଅଧକ୍ଷା ସଂଯୁକ୍ତା ରାଣୀ ବେହେରାଙ୍କ ସହ ସବିତା ମହାନ୍ତି, ଅମିତା ଚାନ୍ଦ, ରଞ୍ଜିତ ପୃଷ୍ଟି, ବିଜୟ ବାରିକ, ରଜତ ବାରିକ, ଗତିକୃଷ୍ଣ ପାତ୍ର, ସୁବ୍ରତ ଦାସ, ହରିଶ ଜେନା, ସୁଦର୍ଶନ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଆରମ୍ଭ ହେଉନି ଗଳାପୋଲ କାମ

## ଲୋକେ ଅସନ୍ତୁଷ୍ଟ

ସୋର, ୭।୪(ଜନ୍ମେଜୟ ମିଶ୍ର)

ସୋରର ମୁଖ୍ୟ ଦ୍ୱାର କୁହାଯାଉଥିବା ଉତ୍ତରେଶ୍ୱର ଗଳା ପୋଲ ଓ କଲେଜ ଛକ ଗଳା ପୋଲ ସମ୍ପ୍ରସାରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି ପ୍ରକାର ତତ୍ପରତା ଦେଖାଯାଉ ନ ଥିବା ଅଭିଯୋଗ ହୋଇଛି। ୧୬ନମ୍ବର ଜାତୀୟ ରାଜପଥ ରାଣୀତାଲରୁ ଫୁଲା ପର୍ଯ୍ୟନ୍ତ ୬ଟିକିଆ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଥିବା ବେଳେ ସୋର ଉତ୍ତରେଶ୍ୱରର ଗଳାପୋଲ ଓ ସୋର କଲେଜ ଛକ ଗଳା ପୋଲ ସମ୍ପ୍ରସାରଣ ପାଇଁ ୨୦୨୩ ମସିହାରୁ ଅର୍ଥ ମଞ୍ଜୁର ହୋଇଛି। ଏହାକୁ ନିର୍ମାଣ କରା ନ ଯାଇ ଉକ୍ତ ଅର୍ଥକୁ ଅନ୍ୟ କାର୍ଯ୍ୟରେ ଲଗାଯାଇଛି। ଗଳାପୋଲ ନିର୍ମାଣ ଲାଗି କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଫଳରେ ପାଇକାଳୀଠାରୁ କଲେଜ ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ସର୍ଭିସ ରୋଡ ସହିତ ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ବର୍ଷାଦିନେ ଉଭୟ ପାର୍ଶ୍ୱରେ ବର୍ଷାଜଳ ନିଷ୍କାସନ ସମସ୍ୟା ସୃଷ୍ଟି କରୁଛି। ଗତ ରବିବାର ଜାତୀୟ ରାଜପଥ ମାର୍କୋଣାଠାରେ ଗଳାପୋଲ ପାଇଁ ଭଦ୍ରକ ଏମ୍‌ପି ଶୁଭ ଦେଇଥିବା ବେଳେ ସୋର ଗଳାପୋଲ ପ୍ରତି କେବେ ଦୃଷ୍ଟି ପଡିବ ସେନେଇ ସୋରବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉତ୍ତରେଶ୍ୱର ଗଳା ପୋଲରେ ପ୍ରତ୍ୟେକ ଦିନ ଅଫିସ, ସ୍କୁଲ, କଲେଜ ସମୟରେ ଏବଂ ପର୍ବପର୍ବାଣିମାନଙ୍କରେ ପ୍ରବଳ ଭିଡ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଦୀର୍ଘ ସମୟ ଧରି ଯାତାୟାତ ଠପ୍ ହୋଇଯାଉଛି। ଅନ୍ୟ ସ୍ଥାନରେ ସର୍ଭିସ ରୋଡ ଓ ଆଲୋକୀକରଣ କାର୍ଯ୍ୟ ସରିଥିବା ବେଳେ ସୋରକୁ ପୂର୍ଣ୍ଣ ଅବହେଳା କରାଯାଇଛି। ଏଥିପ୍ରତି ଜିଲା ପ୍ରଶାସନ, ଏନଏଚଆଇ କର୍ତ୍ତୃପକ୍ଷ, ଏମ୍‌ପି ଓ ବିଧାୟକ ତୁରନ୍ତ ନିର୍ମାଣ କରାଯିବା ପାଇଁ ସାଧାରଣରେ ଦାବି କରାଯାଉଛି।



## ସଂକ୍ଷେପରେ

### ଦେଶୀ ରନ୍ଧା ମଦ, ମହୁଲ ପୋଚ ଜବତ: ୫ ଗିରଫ

ବଡଲା, ୭।୪(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଅବକାରୀ ଅଧୀକ୍ଷକ ତେଜରାଜ ଯାନୀଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ନନ୍ଦିପଦା ଓ ସୋସୋ ଥାନା ଟିଲଗଡିଆ, ଢେଙ୍କା, ସୁନ୍ଦରାପାଳ, ପଢିଆରିପଲ୍ଲୀ ଅଞ୍ଚଳରେ ଚଢାଉ କରି ୩୦୪ ଲିଟର ଦେଶୀ ରନ୍ଧା ମଦ ଓ ୩୫୦୦ ଲିଟର ମହୁଲ ପୋଚ ଜବତ କରିଛି। ଉକ୍ତ ଗ୍ରାମର ଶ୍ରୀରାମ ମାରାଣ୍ଡି, ଫୁଲ ମାଝି, ମାୟା ମାଝି, ଶ୍ରୀକାନ୍ତ ପାତ୍ର ଓ ପାରୁ ଟୁଡୁଙ୍କୁ ଗିରଫ କରାଯାଇଛି। ହାଟଡିହୀ ଅବକାରୀ ବିଭାଗ ପକ୍ଷରୁ ୬ଟି ଅବକାରୀ ମାମଲା ରୁଜୁ କରାଯାଇଛି। ଚଢାଉରେ ହାଟଡିହୀ ଅବକାରୀ ଥାନା ସହ ଉପନିରୀକ୍ଷକ ସୁଶାନ୍ତ ରାଉତ, କନଷ୍ଟେବଲ ଜଗମୋହନ ବେହେରା, ଅରତୀ ବେହେରା, ସୁରେଶ ବେହେରା ପ୍ରମୁଖ ସାମିଲ ଥିଲେ।

### ୧୩ରେ ମୁଖ୍ୟମନ୍ତ୍ରୀଙ୍କ ବଡ଼ବିଲ ଗସ୍ତ

ବଡ଼ବିଲ,୭।୪(ଜୟନ୍ତୀ ରଣା): କେନ୍ଦୁଝର ଜିଲା ବଡବିଲ ବାଇପାସ ରିଂରୋଡ୍ ପ୍ରକଳ୍ପର ଶିଳାନ୍ୟାସ କରିବାକୁ ଆସନ୍ତା ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବଡ଼ବିଲ ଗସ୍ତ କାର୍ଯ୍ୟକ୍ରମ ରହିଛି। ସେଥିଲାଗି ପୌରପାଳିକାକୁ ସଜାଇବା ଲାଗି ନିର୍ବାହୀ ଅଧିକାରୀଙ୍କ ସହ ଯନ୍ତ୍ରୀମାନେ ଜୋରଦାର ଉଦ୍ୟମ ଚଳାଇଛନ୍ତି। କାର୍ଯ୍ୟାଳୟର ପାଚେରିକୁ ନୂଆ ରୂପରେଖ ଦେବା ସହ ନୂଆ ରଙ୍ଗ ଦିଆଯାଇଛି। ପୌରପାଳିକା ତରଫରୁ ବିଭିନ୍ନ ଘରୋଇ କାର୍ଯ୍ୟାଳୟ ଓ ଅନୁଷ୍ଠାନଗୁଡିକୁ ସରକାରୀ ଢାଞ୍ଚାରେ ପାଚେରି ରଙ୍ଗ କରିବାକୁ ପତ୍ରାଳାପ ମାଧ୍ୟମରେ ଅନୁରୋଧ କରାଯାଇଥିବା ଜଣାପଡିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ପୌର ପରିଷଦକୁ ସଜେଇବାରେ ପୌରପାଳିକା ବ୍ୟସ୍ତ ରହିଥିବା ଦେଖାଯାଇଛି।

### ନଦୀରେ ଭାସିଯାଇ ବୃଦ୍ଧ ନିଖୋଜ

ଆନନ୍ଦପୁର, ୭।୪(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଘସିପୁରା ଥାନା ଅଧୀନ ବୈତରଣୀ ନଦୀ ଘାଟରେ ମଙ୍ଗଳବାର ଗାଧୋଉଥିବା ବେଳେ ଜଣେ ବୃଦ୍ଧ ଭାସି ଯାଇ ନିଖୋଜ ହୋଇଯାଇଛନ୍ତି। ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିବା ପରେ ମଧ୍ୟ ବୃଦ୍ଧଙ୍କ ପତ୍ତା ମିଳିନାହିଁ। ରାମଚନ୍ଦ୍ରପୁର ଥାନା ଉଲ୍ଲୋଳ ଗାଁର କୃଷ୍ଣଚନ୍ଦ୍ର ନାଥ(୯୦) ଗାଁ ବସ୍‌ରେ ଆସି ଏହି ଘାଟରେ ଗାଧୋଉଥିବା ବେଳେ ଏଭଳି ଅଘଟଣ ଘଟିଛି। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ବ୍ୟାରେଜରୁ ପାଣି ଛଡାଯାଇଥିବାରୁ ନଦୀର ଜଳସ୍ତର ସାମାନ୍ୟ ବୃଦ୍ଧି ପାଇଥିବାରୁ ଏଭଳି ଅଘଟଣ ଘଟିଥିବା ଅଗ୍ନିଶମ ଅଧିକାରୀ ରାଧେଶ୍ୟାମ ମଲ୍ଲିକ ପ୍ରକାଶ କରିଛନ୍ତି।

### ଠାକୁରଙ୍କ ନାମରେ ଦାନ ଭିକ୍ଷା

ବଡବିଲ,୭।୪(ଜୟନ୍ତୀ ରଣା): ବଡ଼ବିଲ ଥାନା ଅଞ୍ଚଳକୁ ଗତ କିଛିଦିନ ହେବ ପଶ୍ଚିମବଙ୍ଗ ନଦିଆ ଜିଲାରୁ କେତେକ ଲୋକ ଆସି ଦାନ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି। ସେମାନେ ଟ୍ରେନ ଯୋଗେ ଆସି ପଡ଼ୋଶୀ ଝାଡଖଣ୍ଡ ରାଜ୍ୟ ବଡାଜାମଦାରେ ଥିବା ଏକ ମନ୍ଦିରରେ ରହୁଛନ୍ତି। ପ୍ରତିବର୍ଷ ଏହି ସମୟରେ ବଡ଼ବିଲକୁ ଆସି ସେମାନେ ବିଭିନ୍ନ ଠାକୁରମାନଙ୍କ ଦ୍ୱାହି ଦେଇ ସହାୟତା ମାଗୁଥିବା ଦେଖିବାକୁ ମିଳିଛି। ସେମାନେ ବଡବିଲ ୱାର୍ଡ ନଂ.୧୫ ଅଞ୍ଚଳରେ ଏହିପରି ଦାନ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି।

# ଜବରଦଖଲମୁକ୍ତ ହେବ ମୋଚିଗାଁ ରାସ୍ତାପାର୍ଶ୍ୱ ଜମି

## ଚିଠି କଲା ପୂର୍ତ୍ତ ବିଭାଗ

କେନ୍ଦୁଝର,୭।୪ (ନରେଶ ଚନ୍ଦ୍ର ପଟ୍ଟନାୟକ):




କେନ୍ଦୁଝର ସଦର ତହସିଲ ଅଧୀନ ଧୃପଦା ମୋଚିଗାଁ ଫ୍ଲାଏଓଭର ନିକଟ ୨୦ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଜମି ଚିହ୍ନଟ ଓ ଜବରଦଖଲମୁକ୍ତ କରିବା ପାଇଁ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ତହସିଲଦାର ଏବଂ ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ଚିଠି କରିଛନ୍ତି। ଚିଠି ସଂଖ୍ୟା ୩୧୨୫/୨-୪-୨୦୨୬ରେ ଏହା ଉଲ୍ଲେଖ ଥିବାବେଳେ ଏହାର କପି ଜିଲାପାଳ, ଚିଫ୍ କନ୍‌ଷ୍ଟ୍ରକ୍ସନ ଇଞ୍ଜିନିୟର ଏବଂ ଉପଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ସହର ଓ ଆଖପାଖ ଅଞ୍ଚଳରେ ଜମିର ମୂଲ୍ୟ ଆକାଶ ଛୁଆଁ ହୋଇଥିବା ବେଳେ କେତେଜଣ ଅସାଧୁ ଉପାୟରେ ଜମି ହାତେଇବା ଏବଂ ବେଆଇନ କିଣାବିକା କରୁଥିବା ନେଇ ଅଭିଯୋଗ ହୋଇଆସୁଛି। ଏଭଳି ଧୃପଦା, ମୋଚିଗାଁରେ ସରକାରୀ ଓ ଠାକୁରଙ୍କ ଜମି ବେଆଇନ ବାଟରେ କିଣାବିକା ହେଉଥିବା ଅଭିଯୋଗ ହୋଇଆସୁଛି। ଚାଷଜମି ଘରବାଡ଼ି ଦରରେ ବିକ୍ରି ହେଉଥିବା ବେଳେ ମୋଚିଗାଁରେ ଏଭଳି ଚାଷଜମିକୁ ବିକ୍ରି କରିବା ପାଇଁ ରାସ୍ତା ନିର୍ମାଣ କରାଯାଉଛି। ଉକ୍ତ ସ୍ଥାନରେ ଏନ୍‌ଏଚ୍ କଡ଼ର ଜମିରେ ବର୍ଜ୍ୟବସ୍ତୁ ପକାଇ ଏବଂ ନାଳ ଅବରୋଧ କରି ରାସ୍ତା ନିର୍ମାଣ କରାଯାଉଥିବାରୁ ପୂର୍ବରୁ ମଧ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ତାଗିଦ୍ କରାଯାଇଥିଲା। ଏହା ସତ୍ତ୍ୱେ ରାସ୍ତାପାର୍ଶ୍ୱ ଜମିରେ ବେଆଇନ ରାସ୍ତା ନିର୍ମାଣ ଚାଲିଥିବାରୁ ପୁଣି ଥରେ ନୋଟିସ୍ କରାଯାଇଛି। ଉକ୍ତ ସ୍ଥାନରେ ନାଳ ଅବରୋଧ କରି ରାସ୍ତା ନିର୍ମାଣ ହେଲେ ଆଗାମୀ ଦିନରେ ସହରରେ ଜଳବନ୍ଦୀ ସମସ୍ୟା ଦେଖାଦେବ। ନାଳ ଜବରଦଖଲ ଯୋଗୁ ଜଳ ନିଷ୍କାସନରେ ସମସ୍ୟା ଦେଖାଦେଇଛି। ନାଳ ଅବରୋଧ କରି ବେଆଇନ ରାସ୍ତା ନିର୍ମାଣ ନେଇ ଗତ ମାର୍ଚ୍ଚରେ ସଦର ତହସିଲଦାର, କେନ୍ଦୁଝରଗଡ଼ ପୌରପାଳିକା ନିର୍ବାହୀ ଅଧିକାରୀ ଏବଂ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୂର୍ତ୍ତ ବିଭାଗର ଏକ ଟେକ୍ନିକାଲ ଟିମ୍ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରି ଏହାର ସତ୍ୟାସତ୍ୟ ଉପଲବ୍ଧି କରିଥିଲେ। ଏହି ରାସ୍ତାପାର୍ଶ୍ୱରେ ନାଳକୁ ଅବରୋଧମୁକ୍ତ କରି ପୂର୍ବଭଳି ନାଳର ସ୍ଥିତି ବଜାୟ ରଖିବା ପାଇଁ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ସମ୍ବିତ ମହାନ୍ତି ଚିଠି ସଂଖ୍ୟା ୨୫୨୪ ତା ୧୦।୦୩।୨୦୨୫ରେ ସଦର ତହସିଲଦାରଙ୍କୁ ଚିଠି କରିଥିଲେ। ଚିଠିର ୩ ମାସ ପରେ ମଧ୍ୟ ତହସିଲ ପକ୍ଷରୁ ନାଳ ଜବରଦଖଲମୁକ୍ତ କରାଯାଇ ନ ଥିବାରୁ ଅସନ୍ତୋଷ ବଢୁଛି। ରାସ୍ତା ନିର୍ମାଣରେ କାରଖାନାର ବର୍ଜ୍ୟବସ୍ତୁ କଳାଗୁଣ୍ଡ ବ୍ୟବହାର କରାଯାଉଥିବାରୁ ଉକ୍ତ ଅଞ୍ଚଳରେ ଜଳ, ମୃତ୍ତିକା ଓ ବାୟୁ ପ୍ରଦୂଷଣ ହେଉଛି। ରାଜପଥ ପାର୍ଶ୍ୱ ନୟନଯୋରିକୁ ପୋତି ରାସ୍ତା ନିର୍ମାଣ ହୋଇଥିବାରୁ ନାଳରେ ବର୍ଷା ଜଳ ପ୍ରବାହ ବନ୍ଦ ହୋଇଛି। ନାଳ ପୋତି ହୋଇଯାଇଥିବାରୁ ବର୍ଷାଦିନେ ସହରର ପାଣି ନିଷ୍କାସନରେ ସମସ୍ୟା ହେବାର ଆଶଙ୍କା ପ୍ରକାଶ ପାଇଛି। ମାଷ୍ଟରପ୍ଲାନ ଅଞ୍ଚଳରେ ପାର୍ଟ ପ୍ଲଟ ବିକ୍ରି ସମ୍ପୂର୍ଣ୍ଣ ନିଷେଧ ଥିଲେ ମଧ୍ୟ କେତେଜଣ ଜମି ମାଫିଆ ବେଆଇନ ଭାବେ ଚାଷଜମିରେ ରାସ୍ତା କରି ପାର୍ଟ ପ୍ଲଟ୍ କରି ବିକ୍ରି କରୁଥିବା ଅଭିଯୋଗ ହେଉଛି।

# ଜିଲା ପ୍ରଶାସନର ଅଜବ ନୀତି: ନାମକୁ ମାତ୍ର ବଦଳି

କେନ୍ଦୁଝର, ୭।୪(ଦୀପକ ମିଶ୍ର):

କେନ୍ଦୁଝର ଜିଲା ପ୍ରଶାସନ ପକ୍ଷରୁ ଗତ ମାର୍ଚ୍ଚ ୨୬ରେ ୨ଟି ବଦଳି ନିର୍ଦ୍ଦେଶ ବାହାରିଛି, ଯାହାକୁ ନେଇ ପ୍ରଶାସନିକ ଦପ୍ତରରେ ଚର୍ଚ୍ଚା ଜୋର୍ ଧରିଛି। ଜିଲାପାଳଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶନାମା ନଂ. ୨୧୭୪ ଏବଂ ୨୧୭୬ରେ ଦୁଇଟି ବଦଳି ଆଦେଶରେ ଯଥାକ୍ରମେ ୯ ଓ ୧୮ ରାଜସ୍ୱ କର୍ମଚାରୀଙ୍କ ବଦଳି କରାଯାଇଛି। ଏହି ବଦଳି ଆଦେଶ ଦ୍ୱାରା ୯ଜଣ ବରିଷ୍ଠ ରାଜସ୍ୱ ସହାୟକଙ୍କୁ ସେକ୍ସନ ଅଫିସର ଓ ୧୮ଜଣ କନିଷ୍ଠ ରାଜସ୍ୱ ସହାୟକଙ୍କୁ ବରିଷ୍ଠ ରାଜସ୍ୱ ସହାୟକ ଭାବେ ବିଭିନ୍ନ କାର୍ଯ୍ୟାଳୟରୁ ଜିଲାପାଳଙ୍କ ଅଧୀନରେ ଥିବା ଅନ୍ୟ କାର୍ଯ୍ୟାଳୟକୁ ପ୍ରମୋସନରେ ବଦଳି କରାଯାଇଛି। ହେଲେ ଚର୍ଚ୍ଚାର ମୁଖ୍ୟ କାରଣ ହେଲା ବଦଳି ହେଲା ସତ ଅନେକ କର୍ମଚାରୀଙ୍କ ସ୍ଥାନ କେବଳ ନିର୍ଦ୍ଦେଶନାମା କାଗଜରେ ପରିବର୍ତ୍ତନ ହୋଇଛି, କିନ୍ତୁ ନିଯୁକ୍ତି ସେହି ପୁରୁଣା ଜାଗାରେ। ଏଭଳି ସୁଯୋଗ ବି କିଛି କର୍ମଚାରୀ ଖୋଜୁଥିଲେ, ଜିଲା ପ୍ରଶାସନ ତାହା ସେମାନଙ୍କ ହାତରେ ଦେଇଦେଲା। କୌଣସି କର୍ମଚାରୀ ଗୋଟିଏ ସ୍ଥାନରେ ଅନେକ ଦିନ ରହିଗଲା ପରେ ବଦଳିର ନିୟମ ଅନୁଯାୟୀ ସ୍ଥାନ ପରିବର୍ତ୍ତନ କରାଯାଏ। କିନ୍ତୁ କେନ୍ଦୁଝର ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ପ୍ରଶାସନ ନିଜ ପକ୍ଷରୁ ହେଉ କିମ୍ବା କର୍ମଚାରୀ ଜଣକ ଚାପ ପକାଇ ହେଉ, ପ୍ରଶାସନ ହାତରେ ଥିବା ଅମୋଘ ଅସ୍ତ୍ର ଡେପ୍ଲୟମେଣ୍ଟ ନିର୍ଦ୍ଦେଶନାମା ଦ୍ୱାରା ସେହି ପୁରୁଣା ସ୍ଥାନରେ ରହିପାରୁଛନ୍ତି। ଗତ ମାର୍ଚ୍ଚ ୨୬ରେ ହୋଇଥିବା ଦୁଇଟି ବଦଳି ଆଦେଶରେ ଏହି ଡେପ୍ଲୟମେଣ୍ଟ ନାମରେ ଅନେକ କର୍ମଚାରୀ ସେମାନଙ୍କ ପୁରୁଣା ଜାଗାରେ ନିଯୁକ୍ତ ହୋଇଛନ୍ତି, ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏନେଇ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ କହିଛନ୍ତି, ବିଭାଗୀୟ ପ୍ରମୋସନ କମିଟି ବସି କେତେଜଣ କର୍ମଚାରୀଙ୍କୁ ପ୍ରମୋସନ ଦିଆଯାଇ ଏଭଳି ପ୍ରକ୍ରିୟାରେ ବଦଳି କରାଯାଇଛି। ତେବେ ଖୁବ୍‌ଶୀଘ୍ର ଏହି ପ୍ରକ୍ରିୟାକୁ ତର୍ଜମା କରି ପୁଣି ପଦକ୍ଷେପ ନିଆଯିବ।

# ଧରିତ୍ରୀ ପ୍ରଭାବ ନରସିଂହପୁରରେ ବସିଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର

କେନ୍ଦୁଝର, ୭।୪(ନରେଶ ଚନ୍ଦ୍ର ପଟ୍ଟନାୟକ):

କେନ୍ଦୁଝର ଜିଲା ସଦର ବ୍ଲକ ଅଧୀନ ନୂଆଗାଁ ପଞ୍ଚାୟତ ନରସିଂହପୁର ଗ୍ରାମରେ ବିଦ୍ୟୁତ୍ ବିଭାଗ ସୋମବାର ନୂତନ ଟ୍ରାନ୍ସଫର୍ମର ବସାଇଛି। ଗଭୀର ନଳକୂଅ ପାଇଁ ବସିଥିବା ଟ୍ରାନ୍ସଫର୍ମର ୧୪ଦିନ ହେବ ଅଚଳ ହୋଇଯାଇଥିଲା। ଫଳରେ ୬ ଏକର ଜମିରେ ହୋଇଥିବା ବିଭିନ୍ନ ପନିପରିବା ଚାଷ ପାଇଁ ଜଳସେଚନ ହୋଇପାରୁ ନ ଥିବାରୁ ଫସଲ ଉଜୁଡ଼ିବାକୁ ବସିଥିଲା। ଏନେଇ 'ଟ୍ରାନ୍ସଫର୍ମର ଅଚଳ, ଉଜୁଡ଼ିଗଲାଣି ପରିବା ଚାଷ' ଶୀର୍ଷକ ଖବର ଗତ ରବିବାର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ ସାମାଜିକ କର୍ମୀ ତ୍ୱିଟରବୟ ବିକ୍ରମ କେଶରୀ ମହାନ୍ତ ଏହାକୁ 'X'ରେ ଟ୍ୱିଟ୍ କରି ଟାଟା ପାୱାର, ବିଦ୍ୟୁତ୍ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇ ନୂତନ ଟ୍ରାନ୍ସଫର୍ମର ବସାଯାଇଛି। ଏଥିପାଇଁ ସ୍ଥାନୀୟ ଚାଷୀମାନେ ଖୁସିବ୍ୟକ୍ତ କରିବା ସହ ଗ୍ରାମର ରଘୁନାଥ ଲାଗୁରୀ, ପାଣ୍ଡବ ମୁଣ୍ଡା, ଲକ୍ଷ୍ମଣ ସୋରେନ, ଲକ୍ଷ୍ମଣ ମୁଣ୍ଡା, ପୂର୍ଣ୍ଣଚନ୍ଦ୍ର ମାଝୀ ପ୍ରମୁଖ ଧରିତ୍ରୀକୁ ସାଧୁବାଦ ଜଣାଇଛନ୍ତି।



ନରସିଂହପୁର ଗ୍ରାମରେ ନୂତନ ଭାବେ ବସାଯାଇଥିବା ଟ୍ରାନ୍ସଫର୍ମର ନିକଟରେ ଗ୍ରାମବାସୀ।

### ପଲିଥିନ ଜବତ, ଜରିମାନା ଆଦାୟ

ଚମ୍ପୁଆ,୭।୪(ମହେଶ୍ୱର ଦାସ):

ବାରମ୍ବାର ଚଢ଼ାଉ ସତ୍ତ୍ୱେ ପ୍ଲାଷ୍ଟିକ୍ ବ୍ୟବହାର କମୁ ନ ଥିବା ବେଳେ ବେପାରୀମାନେ ଚଢ଼ାଉ ସମୟରେ ଧରାପଡ଼ି ଜରିମାନା ଗଣୁଥିଲେ ମଧ୍ୟ ଦିନେକି ଦୁଇଦିନ ପରେ ଯଥା ପୂର୍ବ ତଥା ପରିସ୍ଥିତିରେ ବଢିଚାଲୁଛି ପ୍ଲାଷ୍ଟିକ ଓ ଥର୍ମକୁଲ ବେପାର। ଏଥିରେ ରୋକ୍ ଲଗାଇବା ପାଇଁ ମଙ୍ଗଳବାର ଚମ୍ପୁଆ ଏନ୍‌ଏସି ପକ୍ଷରୁ ଜୋରଦାର ଚଢ଼ାଉ କରାଯାଇ ପଲିଥିନ୍, ଥମକୁଲ ଥାଳି, ଦୋନା, ପ୍ଲାଷ୍ଟିକ ଚା' କପ ଓ ପ୍ଲାଷ୍ଟିକ ଗ୍ଲାସ ଜବତ ହେବା ସହିତ ୧୨ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି।

ସୂଚନା ଅନୁଯାୟୀ, ଚମ୍ପୁଆ ଉପଖଣ୍ଡରେ ବ୍ୟବହାର ଅନୁପଯୋଗୀ ଚା' କପ୍‌ଠାରୁ ଆରମ୍ଭ କରି ପଲିଥିନ ବ୍ୟାଗ ଏବଂ ଥର୍ମକୁଲ ବ୍ୟବହାର କଟକଣା ସତ୍ତ୍ୱେ ବି ବିକ୍ରି ଓ ବ୍ୟବହାର ହେଉଛି। ଚମ୍ପୁଆ ଏନ୍‌ଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ସ୍ୱାସ୍ଥ୍ୟ ନିରୀକ୍ଷକ ଜୀବନ ବେହେରା, ଅବଦୁଲ ସବିର ଖାନ, ଏସକେ ସାହାବାଜ, ବିଜୟ କୁମାର ମିଶ୍ରଙ୍କ ସମେତ ଅନେକ କର୍ମଚାରୀ ଅଚାନକ ଚମ୍ପୁଆ ସଦରମହକୁମାରେ ଥିବା ଉଠା ଦୋକାନୀଙ୍କଠାରୁ ଆରମ୍ଭ କରି ହୋଟେଲ ଓ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ବ୍ୟବହାର ଅନୁପଯୋଗୀ କୁଢ କୁଢ ପଲିଥିନ୍ ସହିତ ଥର୍ମକୁଲ ଓ ଚା' କପ ଜବତ କରିଛନ୍ତି।

# ଫାର୍ମାସୀ, ନର୍ସିଂ କଲେଜରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ




ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକ।

କେନ୍ଦୁଝର,୭।୪(ଦୀପକ ମିଶ୍ର):

କେନ୍ଦୁଝର ଉପକଣ୍ଠ ଡିମ୍ବୋସ୍ଥିତ ରୋଟାରିଆନ ଇଂ. ବସନ୍ତ କୁମାର ଦାନୀଙ୍କ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ନର୍ସିଂ କଲେଜ ଏବଂ କେନ୍ଦୁଝର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚରେ ମଙ୍ଗଳବାର ମିଳିତ ଭାବେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ବର୍ଷର ଥିମ୍ 'ଟୁଗେଦର ଫର୍ ହେଲ୍‌ଥ, ଷ୍ଟାଣ୍ଡ ଉଇଥ୍ ସାଇନ୍ସ' (ସ୍ୱାସ୍ଥ୍ୟ ପାଇଁ ଏକାଠି, ବିଜ୍ଞାନ ସହ ଛିଡ଼ା ହୁଅନ୍ତୁ) ଅନୁସାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦାନୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ସ୍ଥାପକ ତଥା କଲେଜର ନିର୍ଦ୍ଦେଶକ ସି. ଦେବ ଦାନୀ, କେଏସ୍‌ଇ ପ୍ରିନ୍ସିପାଲ ଇଂ. ଅରୁଣ ପ୍ରକାଶ କାନୁନଗୋ, କିମ୍‌ସଆର୍ ଭାଇସ୍ ପ୍ରିନ୍ସିପାଲ ତରଣୀକାନ୍ତ ସ୍ୱାଇଁ, ଆଡ୍‌ମିନିଷ୍ଟ୍ରେଟର ବିଭୂତି ଭୂଷଣ ସାହୁଙ୍କ ସହ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଅତିଥିମାନେ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ଆଲୋଚନା କରି କହିଥିଲେ, ବିଜ୍ଞାନଭିତ୍ତିକ ଚିକିତ୍ସା, ସଚେତନତା ଓ ସମସ୍ତଙ୍କ ଏକତା ଦ୍ୱାରା ସୁସ୍ଥ ସମାଜ ଗଠନ ସମ୍ଭବ। ଛାତ୍ରୀଛାତ୍ର ଭାଷଣ, ପୋଷ୍ଟର ପ୍ରଦର୍ଶନ ଓ ନୃତ୍ୟ ମାଧ୍ୟମରେ ସ୍ୱାସ୍ଥ୍ୟ ସଚେତନତା ପ୍ରଚାର କରିଥିଲେ। ସମସ୍ତେ ସୁସ୍ଥ ଜୀବନ ଯାପନ ପାଇଁ ସଚେତନ ହେବାକୁ ପ୍ରେରିତ ହୋଇଥିଲେ। ଶେଷରେ ସମସ୍ତେ ସୁସ୍ଥ ଓ ସଚେତନ ସମାଜ ଗଠନ ଲାଗି ସଂକଳ୍ପ ନେଇଥିଲେ।

### ଓଡ଼ିଆ ପକ୍ଷ ଅବସରରେ ସ୍ୱଚ୍ଛତା ଅଭିଯାନ

କେନ୍ଦୁଝର,୭।୪(ନରେଶ ଚନ୍ଦ୍ର ପଟ୍ଟନାୟକ):

ଓଡ଼ିଆ ପକ୍ଷ ଅବସରରେ କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ଏକ ସ୍ୱଚ୍ଛତା ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ପର୍ଯ୍ୟଟନ ସ୍ଥଳୀ, ପ୍ରାଚୀନ ମନ୍ଦିର ପରିସର, ଜଳାଶୟ, ଐତିହ୍ୟ ସ୍ଥଳ ଏବଂ ସାପ୍ତାହିକ ହାଟଗୁଡ଼ିକରେ ସଫେଇ କରାଯାଇଛି। ଏହି ଅଭିଯାନରେ ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତିରାଜ ଅନୁଷ୍ଠାନର ପ୍ରତିନିଧି, ରାଜନୈତିକ ନେତୃବୃନ୍ଦ, ମିଶନ ଶକ୍ତିର ସଦସ୍ୟା, ବ୍ଲକ ଓ ପଞ୍ଚାୟତସ୍ତରୀୟ କର୍ମଚାରୀ, ସ୍ୱଚ୍ଛତା କର୍ମୀ, ବିଆର୍‌ସି ସଦସ୍ୟ ଏବଂ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ଯୁବକ ସଂଘ ଓ ବରିଷ୍ଠ ନାଗରିକମାନେ ଏଥିରେ ଯୋଗଦେଇ ସ୍ୱଚ୍ଛ ଭାରତ ଓ ସୁନ୍ଦର ଓଡ଼ିଶା ଗଠନର ବାର୍ତ୍ତା ଦେଇଥିଲେ।

# ମଶା ଉପଦ୍ରବରେ ଏନ୍‌ଏସି ବାସିନ୍ଦା ଅତିଷ୍ଠ

ଚମ୍ପୁଆ,୭।୪(ମହେଶ୍ୱର ଦାସ):

ଚମ୍ପୁଆ ଏନ୍‌ଏସିର ପରିମଳ ବ୍ୟବସ୍ଥା ବିଗିଡିବାରେ ଲାଗିଛି। ନାଳନର୍ଦ୍ଦମା ପାଇଁ ମଶା ବଂଶ ବୃଦ୍ଧି ପାଉଥିବା ବେଳେ ୱାର୍ଡବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ ଭାବରେ ରାତିରେ କାମୁଡୁଥିବା ମଶାଙ୍କ ଉପଦ୍ରବ ବର୍ତ୍ତମାନ ଦିନରେ ଭୋଗିବାକୁ ପଡୁଛି। ଏଥିପ୍ରତି ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ବେଳେ ୱାର୍ଡବାସୀ ଦିନରେ ମଶାରି ଟାଙ୍ଗିବା ଆରମ୍ଭ କଲେଣି।

ସୂଚନା ଅନୁଯାୟୀ, ୨୦୧୪ରେ ଚମ୍ପୁଆ ଗ୍ରାମାଞ୍ଚଳରୁ ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ପାଇବାରେ ଆଜକୁ ୧୨ ବର୍ଷ ପୂରଣ ହେବାକୁ ବସିଲାଣି। ୧୩ଟି ୱାର୍ଡକୁ ନେଇ ଗଠିତ ଏହି ବିଜ୍ଞାପିତ ଅଞ୍ଚଳ ପରିଷଦର ଅନେକ ୱାର୍ଡରେ ଡ୍ରେନେଜ ବ୍ୟବସ୍ଥା ନ ଥିବା ବେଳେ ବିଭାଗ କେବଳ ବର୍ଷାଜଳ ନିଷ୍କାସନ ପାଇଁ ମୁଖ୍ୟ ରାସ୍ତା ଗୁଡିକରେ ଡ୍ରେନେଜ ବ୍ୟବସ୍ଥା କରୁଛି। ଫଳରେ ୱାର୍ଡବାସୀ ବ୍ୟବହାର କରୁଥିବା ଜଳନିଷ୍କାସନର କୌଣସି ବ୍ୟବସ୍ଥା ସବୁ ୱାର୍ଡରେ ହୋଇପାରି ନାହିଁ। ଏପରିକି ଦୀର୍ଘଦିନ ପୂର୍ବରୁ ନିର୍ମାଣ କରାଯାଇଥିବା ଡ୍ରେନ ଭଗ୍ନ ଅବସ୍ଥାରେ ପଡିଥିଲେ ମଧ୍ୟ ତାର ମରାମତି କିମ୍ବା ଡ୍ରେନ ଉପରେ ସ୍ଲାବ୍ ପକାଯାଉନାହିଁ। ଅନ୍ୟପକ୍ଷରେ ସଫେଇ କର୍ମଚାରୀଙ୍କ ଦ୍ୱାରା ବ୍ଲିଚିଂ ପକାଯାଇ ଦାୟିତ୍ୱ ନିର୍ବାହ କରାଯାଉଥିଲେ ମଧ୍ୟ ମଶା ତେଲ କିମ୍ବା ମଶା ଧୂଆଁ ଦିଆଯାଉ ନ ଥିବା ଦେଖିବାକୁ ମିଳିଛି। ଫଳରେ ମଶା ବଂଶ ପ୍ରବଳ ମାତ୍ରାରେ ବୃଦ୍ଧି ପାଉଥିବା ବେଳେ ୱାର୍ଡବାସୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି। ଏ ନେଇ ସାନିଟାଇଜର ଏକ୍ସପର୍ଟ ଏସ୍‌କେ ସାହାବାଜଙ୍କୁ ପଚାରିବାରୁ ବୁଧବାରଠାରୁ ମଶା ତେଲ ପକାଇବା ସହିତ ମଶା ଧୂଆଁ ଦେବାର ବ୍ୟବସ୍ଥା କରାଯିବ ବୋଲି ସୂଚନା ଦେଇଛନ୍ତି।

# ଟ୍ରେଲର ଧକ୍କାରେ ମହିଳା ଗୁରୁତର

ଯୋଡ଼ା/ଚମ୍ପୁଆ,୭।୪ (ମାନସ ମହାନ୍ତି/ମହେଶ୍ୱର ଦାସ):

କେନ୍ଦୁଝର ଜିଲା ଚମ୍ପୁଆ ଥାନା ବାସୁଦେବପୁର ନିକଟରେ ବସ୍‌ରୁ ଓହ୍ଲାଉଥିବା ଜଣେ ମହିଳାଙ୍କ ଉପରେ ଏକ ଟ୍ରେଲର ମାଡ଼ିଯିବା ଫଳରେ ସେ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ମହିଳା ଜଣକ ଟ୍ରେଲର ତଳେ ଚାପିହୋଇ ରହିଥିଲେ। ଦୀର୍ଘ ସମୟ ପରେ କ୍ରେନ ସାହାଯ୍ୟରେ ଟ୍ରେଲରକୁ ଟେକି ଗୁରୁତର ଅବସ୍ଥାରେ ତାଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଥିଲା। ଚିକିତ୍ସା ପାଇଁ ମହିଳା ଜଣଙ୍କୁ ଚମ୍ପୁଆ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ମହିଳା ଜଣକ ହେଲେ ଚମ୍ପୁଆ ଥାନା ଯାମୁଦଲକ ଗାଁର ଲଳିତା ମହାନ୍ତ। ଗ୍ରାମର ଅନ୍ୟ ମହିଳାଙ୍କ ସହ ମଙ୍ଗଳବାର ଅପରାହ୍ନରେ ସେ ଯୋଡ଼ା ବଜାରକୁ ପରିବା ବିକ୍ରୟ ପାଇଁ ଯାଇଥିଲେ। ପରିବା ବିକିସାରି ବସ୍‌ରେ ଆସି ବାସୁଦେବପୁର ଛକ ନିକଟରେ ଓହ୍ଲାଉ ଥିବାବେଳେ ପଛପଟୁ ଆସୁଥିବା ଏହି ଟ୍ରେଲର ତାଙ୍କ ଉପରେ ମାଡ଼ି ଯାଇଥିଲା। ଚମ୍ପୁଆ ପୋଲିସ ଟ୍ରେଲରକୁ ଜବତ କରି ତଦନ୍ତ ଜାରି ରଖିଛି।

# ଛାତ୍ରୀଛାତ୍ରଙ୍କୁ ବଣ୍ଟାଗଲା ବର୍ଣ୍ଣବୋଧ

## ଓଡ଼ିଆ ପକ୍ଷର ୭ମ ଦିବସ

କେନ୍ଦୁଝର, ୭।୪ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର):

ଓଡ଼ିଆ ପକ୍ଷ-୨୦୨୬ର ୭ମ ଦିବସ ଅବସରରେ ମଙ୍ଗଳବାର କେନ୍ଦୁଝର ଜିଲାର ବିଭିନ୍ନ ବିଦ୍ୟାଳୟରେ 'ବର୍ଣ୍ଣବୋଧ ଉତ୍ସବ' ତଥା 'ଶିଶୁ କଥା ଦିବସ' ପାଳିତ ହୋଇଯାଇଛି। ଜିଲାର ସମସ୍ତ ସରକାରୀ ବିଦ୍ୟାଳୟ ଓ ଆଖପାଖ ଅଞ୍ଚଳର ଶତାଧିକ ଛାତ୍ରୀଛାତ୍ରୀଙ୍କୁ ଭକ୍ତକବି ମଧୁସୂଦନ ରାଓଙ୍କ ଅମର ସୃଷ୍ଟି 'ବର୍ଣ୍ଣବୋଧ' ପୁସ୍ତକ ବଣ୍ଟନ କରାଯାଇଥିଲା। କୋମଳମତୀ ଶିଶୁମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ମୂଳଦୁଆକୁ ସୁଦୃଢ଼ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶିକ୍ଷାବିତ୍‌ମାନେ ମତପ୍ରକାଶ କରିଛନ୍ତି। ଓଡ଼ିଆ ଭାଷାର ଶୁଦ୍ଧ ଉଚ୍ଚାରଣ ଏବଂ ଲେଖନ ଶୈଳୀ ଉପରେ ଶିକ୍ଷୟିତ୍ରୀ ଶିକ୍ଷକ ଗୁରୁତ୍ୱାରୋପ କରିଥିଲେ। ବର୍ଣ୍ଣବୋଧ କେବଳ ଏକ ପୁସ୍ତକ ନୁହେଁ, ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ଭାବପ୍ରବଣତା। ଶିଶୁମାନେ ନିଜ ମାତୃଭାଷାକୁ ଭଲ ଭାବେ ଜାଣିଲେ ହିଁ ଓଡ଼ିଆ ଅସ୍ମିତା ବଜାୟ ରହିବ। ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକମାନେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଜିଲା ସଂସ୍କୃତି ବିଭାଗ ଓ ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ଦିବସ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



ବିଦ୍ୟାଳୟରେ ବର୍ଣ୍ଣବୋଧ ପାଇଥିବା ଛାତ୍ରୀଛାତ୍ର।

# ଢେଙ୍କିକୋଟ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା



ଗ୍ରାମସଭାରେ ଉପସ୍ଥିତ ବିଡିଓ, ସରପଞ୍ଚ ଓ ଗ୍ରାମବାସୀ।

ଢେଙ୍କିକୋଟ,୭।୪(ନୀଳମଣି ମଣ୍ଡଳ):

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଢେଙ୍କିକୋଟ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ବାର୍ଷିକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଖଇର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଡିଓ ଖଗେଶ୍ୱର ବରାଳ, ସମ୍ମାନୀୟ ଅତିଥି ଭାବେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଗୋପାଳକୃଷ୍ଣ ବାରିକ ଯୋଗ ଦେଇଥିଲେ। ସଭା ପରିଚାଳନା କରିଥିଲେ ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ରାଉତ।

ରାସ୍ତା, ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ବିକଳାଙ୍ଗ ଭତ୍ତା ସମେତ ଅନ୍ୟାନ୍ୟ ଭତ୍ତା ହିତାଧିକାରୀଙ୍କ ବିଷୟରେ ବିଡିଓ ବୁଝାଇ ଥିଲେ। ଠିକ୍ କାଗଜପତ୍ର ଦାଖଲ କରି ଅନଲାଇନ୍‌ରେ ଆବେଦନ କରିବା ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମଧ୍ୟ ବିଡିଓ ଜନସାଧାରଣଙ୍କୁ ସୂଚନା ଦେଇଥିଲେ। ଗ୍ରାମାଞ୍ଚଳ ଲୋକେ କିପରି ସରକାରୀ ଯୋଜନାର ସୁଫଳ ପାଇପାରିବେ ସେ ସମ୍ପର୍କରେ ବିଡିଓ ବରାଳ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ଗ୍ରାମ ପରିମଳ ବ୍ୟବସ୍ଥା, ଗ୍ରାମ୍ୟ ରାସ୍ତା, ପାନୀୟ ଜଳ, ବିଦ୍ୟାଳୟ ପରିସ୍କାର ପରିଚ୍ଛନ୍ନତା ବିଷୟରେ ମଧ୍ୟ କହିଥିଲେ। ସରପଞ୍ଚ ନାଏକ ଧନ୍ୟବାଦ ଦେଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟର ଅତିରିକ୍ତ ଡାଟା ଏଣ୍ଟ୍ରି ଅପେରେଟର ରତ୍ନାକର ମହାନ୍ତ, ଯୋଗାଣ ସହାୟକ ସୁଦାମ ଚରଣ ବେହେରା, କର୍ମଚାରୀ ରଘୁନାଥ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

